www.nirbhaysuchana.com
nirbhaysuchanaepaper.com
www.twitter.com/NirbhaySuchana
www.facebook.com/Nirbhaysuchana

NIRBHAY SUCHANA
# ନିର୍ଭୟ ସୂଚନା

RNI No. ODIODI/2015/65606 Postal RegNo.-CK(N)/22/2021-2023

Vol.No.-12, Issue-32 Saturday 03, October, 2026, JAJPUR , Page-8, Rs. 5/- | ବର୍ଷ-୧୨, ସଂଖ୍ୟା-୩୨ ଶନିବାର, ୦୩ ଅକ୍ଟୋବର, ୨୦୨୬, ଯାଜପୁର, ପୃଷ୍ଠା-୮, ମୂଲ୍ୟ-୫ ଟଙ୍କା

## ‘ହନୁମାନ ମୋତେ ରକ୍ଷା କଲେ’ ପ୍ରଧାନମନ୍ତ୍ରୀଙ୍କୁ କହିଲେ ସ୍ମିତ୍

ନୂଆଦିଲ୍ଲୀ,୨।୧୦ : ଏବେ ଚାରିଆଡେ ଗୋଟିଏ ନାଁ ଖୁବ୍ ଚର୍ଚ୍ଚାରେ। ସେ ହେଉଛନ୍ତି ସ୍ମିତ୍ ମଚ୍ଛାର। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ଦିନ ଫ୍ଲାଏଦୁବାଇର ଭାରତୀୟ ପାଇଲଟ୍ ସ୍ମିତଙ୍କ ସହ ଫୋନ୍ ଯୋଗେ କଥା ହୋଇଛନ୍ତି। ପ୍ରଧାନମନ୍ତ୍ରୀ କ୍ୟାପ୍ଟେନଙ୍କ ସାହସିକତାକୁ ପ୍ରଶଂସା କରିଥିଲେ, ଯାହାଙ୍କ ସାହସ ଫ୍ଲାଏଦୁବାଇ ବିମାନରେ ଥିବା କ୍ରୁ ସଦସ୍ୟଙ୍କ ସମେତ ୧୮୦ ଜଣଙ୍କ ଜୀବନ ରକ୍ଷା କରିଥିଲା। କଥାବାର୍ତ୍ତା ସମୟରେ, ପ୍ରଧାନମନ୍ତ୍ରୀ କ୍ୟାପ୍ଟେନଙ୍କ ଠାରୁ ଘଟଣାର ସମ୍ପୂର୍ଣ୍ଣ ବିବରଣୀ ପାଇଲେ। ପ୍ରଧାନମନ୍ତ୍ରୀ କ୍ୟାପ୍ଟେନଙ୍କ ଅଭିଜ୍ଞତା ବିଷୟରେ ପଚାରି ବୁଝିଥିଲେ ଏବଂ ପଚାରିଥିଲେ ଯେ ସେ କିପରି ବିପଦର ସମ୍ମୁଖୀନ ହୋଇଥିଲେ ଏବଂ ଏତେ କଷ୍ଟକର ପରିସ୍ଥିତିରେ ମଧ୍ୟ ସାହସ ବଜାୟ ରଖିଥିଲେ। ପ୍ରଧାନମନ୍ତ୍ରୀ ତାଙ୍କ ସାହସ, ଜ୍ଞାନ ଏବଂ ସଂଯମତାକୁ ପ୍ରଶଂସା କରିଛନ୍ତି।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ସମଗ୍ର ଦେଶ ତାଙ୍କ ପାଇଁ ପ୍ରାର୍ଥନା କରୁଛି। କଲ୍ ସମୟରେ, କ୍ୟାପ୍ଟେନ୍ ସ୍ମିତ୍ ଭାବପ୍ରବଣ ହୋଇଯାଇଥିଲେ ଏବଂ କହିଥିଲେ ଯେ ପ୍ରଧାନମନ୍ତ୍ରୀଙ୍କ ସହ କଥାବାର୍ତ୍ତା ତାଙ୍କ ପାଇଁ ଏକ ଅତ୍ୟନ୍ତ ସ୍ୱତନ୍ତ୍ର ମୁହୂର୍ତ୍ତ ଥିଲା ଏବଂ ତାଙ୍କୁ ତାଙ୍କର ସବୁଠାରୁ ବଡ଼ ଆଦର୍ଶ ବୋଲି କହିଥିଲେ। ଏହାସହ ସ୍ମିତ୍ କହିଛନ୍ତି, ସମସ୍ତ ବିପଦ ହେଉ କି ଅନ୍ୟ ସମୟରେ ସେ ହନୁମାନ ଚାଳିଶା ପାଠ କରନ୍ତି ଏବଂ ସେହି ଘଟଣା ସମୟରେ ସେ ମନେ ମନେ ହନୁମାନ ଚାଳିଶା ପାଠ କରୁଥିଲେ। କ୍ୟାପ୍ଟେନଙ୍କ ସହ କଥାବାର୍ତ୍ତା ସମୟରେ, ପ୍ରଧାନମନ୍ତ୍ରୀ କହିଥିଲେ ଦେଶ ଗର୍ବର ସହିତ କହିପାରିବ ଯେ ଭାରତୀୟମାନେ ଅନ୍ୟମାନଙ୍କ ଜୀବନ ନେଉ ନାହାଁନ୍ତି, ବରଂ ଅନ୍ୟମାନଙ୍କୁ ବଞ୍ଚାଇବା ପାଇଁ ନିଜ ଜୀବନକୁ ବିପଦରେ ପକାଇବାକୁ ପ୍ରସ୍ତୁତ। ପ୍ରଧାନମନ୍ତ୍ରୀ କ୍ୟାପ୍ଟେନଙ୍କ ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି। ବୁଧବାର ଦୁବାଇରୁ ଇସ୍ରାଏଲର ରାଜଧାନୀ ତେଲ ଅଭିଭ ଯାଉଥିବା ଏକ ବିମାନକୁ ଦୁର୍ଘଟଣାଗ୍ରସ୍ତ କରିବାକୁ ଚେଷ୍ଟା କରାଯାଇଥିଲା। ଅଭିଯୁକ୍ତ ବିମାନର ସହ-ପାଇଲଟ୍ ଥିଲେ। ଅଭିଯୁକ୍ତ ଭାରତୀୟ ପାଇଲଟ୍ ସ୍ମିତଙ୍କ ଉପରେ ଏକ ଧାରୁଆ ବସ୍ତୁରେ ଆକ୍ରମଣ କରିଥିଲେ। ଗୁରୁତର ଆହତ ହେବା ସତ୍ତ୍ୱେ, କ୍ୟାପ୍ଟେନ୍ ସାହସ ପ୍ରଦର୍ଶନ କରିଥିଲେ ଏବଂ କକପିଟ୍ ଦ୍ୱାର ଖୋଲି ଦେଇଥିଲେ, ଯାହା ପରେ କିଛି ଯାତ୍ରୀ କକପିଟ୍ ଭିତରକୁ ପ୍ରବେଶ କରି ଅଭିଯୁକ୍ତଙ୍କୁ ପରାସ୍ତ କରିଥିଲେ। ତା’ପରେ ବିମାନଟି ସଫଳତାର ସହ ସୁରକ୍ଷିତ ଭାବରେ ଅବତରଣ କରାଯାଇଥିଲା। ଆକ୍ରମଣ ସମୟରେ ବିମାନରେ ଥିବା ୧୭୪ ଜଣ ଯାତ୍ରୀଙ୍କ ମଧ୍ୟରୁ ୧୫୦ ଜଣ ଇସ୍ରାଏଲୀ ନାଗରିକ ଥିଲେ।ଗୁରୁବାର ଦିନ ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦୀ ସୋସିଆଲ ମିଡିଆରେ ସେୟାର କରିଥିବା ଏକ ପୋଷ୍ଟରେ କ୍ୟାପ୍ଟେନ ସ୍ମିତଙ୍କୁ ପ୍ରଶଂସା କରିଥିଲେ। ପୋଷ୍ଟରେ ପ୍ରଧାନମନ୍ତ୍ରୀ ଲେଖିଛନ୍ତି, “ସ୍ମିତ ଜଣେ ହିରୋ। ଅତ୍ୟନ୍ତ ବିପଜ୍ଜନକ ପରିସ୍ଥିତିର ସମ୍ମୁଖୀନ ହେବା ଏବଂ ଗୁରୁତର ଆହତ ହେବା ସତ୍ତ୍ୱେ ସେ ଅନ୍ୟମାନଙ୍କ ଜୀବନ ବଞ୍ଚାଇବା ପାଇଁ ଅପାର ସାହସ ଦେଖାଇଥିଲେ। ତାଙ୍କ ସାହସିକତା ଶହ ଶହ ଜୀବନ ବଞ୍ଚାଇଥିଲା ଏବଂ ଏକ ବଡ଼ ଦୁଃଖଦ ଘଟଣା ଏଡାଇ ଦେଇଥିଲା। ଭାରତ କ୍ୟାପ୍ଟେନଙ୍କ ଉପରେ ଗର୍ବିତ। ଆମେ ତାଙ୍କ ଶୀଘ୍ର ଆରୋଗ୍ୟ ପାଇଁ ପ୍ରାର୍ଥନା କରୁଛୁ।” ପ୍ରଧାନମନ୍ତ୍ରୀ ଭାରତୀୟ ପାଇଲଟ କ୍ୟାପ୍ଟେନ ସ୍ମିତଙ୍କ ପତ୍ନୀ ଏବଂ ପିତାମାତାଙ୍କ ସହିତ ମଧ୍ୟ କଥା ହୋଇଥିଲେ। ସେ ଶହ ଶହ ଜୀବନ ବଞ୍ଚାଇବାରେ ତାଙ୍କ ସାହସିକତାର ପ୍ରଶଂସା କରିଥିଲେ ଏବଂ ସେମାନଙ୍କୁ ଆଶ୍ୱାସନା ଦେଇଥିଲେ ଯେ ଭାରତୀୟ ମିଶନ ସମସ୍ତ ପ୍ରକାରର ସହାୟତା ଯୋଗାଇ ଦେଉଛି।





### ସ୍ମିତ୍‌ଙ୍କୁ ଅଶୋକ ଚକ୍ର ପୁରସ୍କାର ପ୍ରଦାନ ଦାବି

ଇସ୍ରାଏଲୀ ଯାତ୍ରୀ ମାନଙ୍କୁ ନେଇ ଯାଉଥିବା ଫ୍ଲାଏଦୁବାଇ ବିମାନ ଋତ ୧୦୭୩ ର ଦୁର୍ଘଟଣାକୁ ରୋକିଥିବା ଭାରତୀୟ କ୍ୟାପ୍ଟେନ ସ୍ମିତ୍ ମାଛରଙ୍କୁ ସାରା ବିଶ୍ୱରେ ପ୍ରଶଂସା କରାଯାଉଛି । ପ୍ରଧାନମନ୍ତ୍ରୀ ମୋଦିଙ୍କ ଠାରୁ ଇସ୍ରାଏଲୀ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପର୍ଯ୍ୟନ୍ତ ସମସ୍ତେ କ୍ୟାପଟ୍ଟେନ ସ୍ମିତ୍ ଙ୍କ ସାହସିକତାକୁ ସମ୍ମାନ ଜଣାଇଛନ୍ତି । ଏହି ସମୟରେ,ଭାରତରେ କ୍ୟାପଟ୍ଟେନ ସ୍ମିତ୍ ଙ୍କ ଅଶୋକ ଚକ୍ର ପାଇଁ ଆହ୍ୱାନ ଆରମ୍ଭ ହୋଇଛି । ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଏବଂ ଲେଖିକା ଶେଫାଲି ବୈଦ୍ୟଙ୍କ ସମେତ ଅନେକ ନେତା ଏବଂ ସେଲିବ୍ରିଟି କ୍ୟାପଟ୍ଟେନ ସ୍ମିତ୍ ଙ୍କୁ ଅଶୋକ ଚକ୍ର ବୀରତା ପୁରସ୍କାର ପ୍ରଦାନ କରିବାକୁ ଦାବି କରିଛନ୍ତି ।

## ୪୪ ବର୍ଷ ପରେ ସ୍ୱର୍ଣ୍ଣ ଜିତିଲା ଭାରତୀୟ ମହିଳା ହକି ଦଳ

ନୂଆଦିଲ୍ଲୀ,୨।୧୦: ଭାରତୀୟ ମହିଳା ହକି ଦଳ ୨୦୨୬ ଏସୀୟ କ୍ରୀଡ଼ାରେ ଇତିହାସ ସୃଷ୍ଟି କରିଛି। ଫାଇନାଲ ମ୍ୟାଚରେ ଚାଇନାକୁ ୧-୦ ଗୋଲରେ ପରାସ୍ତ କରି ଭାରତୀୟ ଦଳ ସ୍ୱର୍ଣ୍ଣ ପଦକ ହାସଲ କରିଛି। ଏହି ବିଜୟ ସହିତ ଭାରତୀୟ ମହିଳା ହକି ଦଳ ୨୦୨୮ ଅଲିମ୍ପିକ୍ସ ପାଇଁ ମଧ୍ୟ ଯୋଗ୍ୟତା ଅର୍ଜନ କରିଛି। ୧୯୮୨ ମସିହା ପରେ ଏହା ପ୍ରଥମ ଥର ପାଇଁ ଘଟିଛି ଯେତେବେଳେ ଭାରତୀୟ ମହିଳା ହକି ଦଳ ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଜିତିଛି। ଏସୀୟ କ୍ରୀଡ଼ାରେ ମହିଳା ହକିରେ ଭାରତର ଏହା ପ୍ରଥମ ସ୍ୱର୍ଣ୍ଣ ପଦକ ବିଜୟ। ଶୁକ୍ରବାର, ୪୪ ବର୍ଷର ଦୀର୍ଘ ଅପେକ୍ଷା ପରେ ଭାରତୀୟ ମହିଳା ହକି ଦଳ ସ୍ୱର୍ଣ୍ଣ ପଦକ ହାସଲ କରିଛି। ଆଇଚି-ନାଗୋୟା ଠାରେ ଖେଳାଯାଇଥିବା ଫାଇନାଲ ମ୍ୟାଚରେ ଭାରତୀୟ ଦଳ ଗତ ଥରର ଚାମ୍ପିୟନ ଚାଇନାକୁ ୧-୦ ଗୋଲରେ ପରାସ୍ତ କରିଛି। ଏହି ବିଜୟ ସହିତ ଭାରତ ଲସ ଆଞ୍ଜେଲସ ୨୦୨୮ ଅଲିମ୍ପିକ୍ସ ପାଇଁ ମଧ୍ୟ ଯୋଗ୍ୟତା ଅର୍ଜନ କରିଛି। ଚାରି ଦଶନ୍ଧିରୁ ଅଧିକ ସମୟର ଅପେକ୍ଷା ପରେ ଦଳ ପାଇଁ ଏହା ଏକ ଐତିହାସିକ ଦିନ ଅଟେ।




### ମହିଳା ହକି ଦଳକୁ ଅଭିନନ୍ଦନ ଜଣାଇଲେ ପ୍ରଧାନମନ୍ତ୍ରୀ

ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟର ଅଫିସିଆଲ୍ ଏକ୍ସ ପ୍ଲାଟଫର୍ମ ହ୍ୟାଣ୍ଡେଲ ପ୍ରଧାନମନ୍ତ୍ରୀ ମୋଦୀ ଭାରତୀୟ ମହିଳା ହକି ଦଳର ବିଜୟରେ ଖୁସି ପ୍ରକାଶ କରି ଏକ ପୋଷ୍ଟ ସେୟାର କରିଛନ୍ତି। ସେ ପୋଷ୍ଟରେ କହିଛନ୍ତି, ‘ଏହା ଭାରତୀୟ ହକି ପାଇଁ ଏକ ଅତ୍ୟନ୍ତ ସ୍ୱତନ୍ତ୍ର ମୁହୂର୍ତ୍ତ ! ଏସିଆନ୍ ଗେମ୍ସରେ ମହିଳା ହକି ଦଳର ଚମତ୍କାର ବିଜୟରେ ଭାରତର ଲୋକମାନେ ଅତ୍ୟନ୍ତ ଖୁସି । ଚାରି ଦଶନ୍ଧିରୁ ଅଧିକ ସମୟ ପରେ ଭାରତୀୟ ମହିଳା ହକି ଦଳ ପ୍ରତି ସମ୍ମାନଜନକ ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିଛି ।’ ସେ କହିଛନ୍ତି, ‘ଏହି ଉଲ୍ଲେଖନୀୟ ବିଜୟ ଉତ୍କୃଷ୍ଟ ଦକ୍ଷତା ଏବଂ ଚମତ୍କାର ଦଳଗତ କାର୍ଯ୍ୟର ଫଳାଫଳ । ସେମାନଙ୍କର ଦୃଢ଼ ନିଷ୍ଠା ମଧ୍ୟ ବହୁତ ପ୍ରେରଣାଦାୟକ । ଭବିଷ୍ୟତ ପ୍ରୟାସ ପାଇଁ ସମଗ୍ର ଦଳକୁ ମୋର ଆନ୍ତରିକ ଶୁଭକାମନା।’ ପ୍ରଧାନମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି ଯେ ଭାରତୀୟ ମହିଳା ହକି ଦଳର ଏହି ଉଲ୍ଲେଖନୀୟ ବିଜୟ ସାରା ଦେଶରେ ହକିର ଲୋକପ୍ରିୟତାକୁ ଆହୁରି ବୃଦ୍ଧି କରିବାରେ ସହାୟକ ହେବ।

### ଗ୍ରାହକଙ୍କୁ ମହଙ୍ଗା ମାଡ଼

## ବଢ଼ିଲା ଓମଫେଡ୍ କ୍ଷୀର ଦାମ୍

ଭୁବନେଶ୍ୱର, ୨।୧୦ (ନି.ସୂ): ପୁଣି ଗ୍ରାହକଙ୍କୁ ମହଙ୍ଗା ମାଡ଼ । କ୍ଷୀର ଦର ବୃଦ୍ଧି କରିବ ଓମଫେଡ୍ । ଆସନ୍ତା ୪ ତାରିଖରୁ ଓମଫେଡ୍ କ୍ଷୀର ଦର ବୃଦ୍ଧି କରିବାକୁ ଯାଉଛି । ପ୍ରତି ଲିଟରରେ ୨ରୁ ୪ ଟଙ୍କା ବଢ଼ିଛି । ଟୋନ୍ଡ ଦୁଗ୍ଧ ଲିଟର ପ୍ରତି ୫୬ ଟଙ୍କାରୁ ବୃଦ୍ଧି ପାଇ ୫୮ ଟଙ୍କା ହୋଇଛି ।




ରାଜ୍ୟରେ ଓମଫେଡ୍ କ୍ଷୀରର ଦର ଲିଟର ପିଛା ୨ରୁ ୪ ଟଙ୍କା ବୃଦ୍ଧି ପାଇଛି । ଆସନ୍ତା ଅକ୍ଟୋବର ୪ ତାରିଖରୁ ଏହି ବର୍ଦ୍ଧିତ ଦର ଲାଗୁ ହେବ । ଯାହା ଗ୍ରାହକଙ୍କ ଉପରେ ସିଧାସଳଖ ପ୍ରଭାବ ପକାଇବ । ତେବେ ଗତ ୫ ମାସ ମଧ୍ୟରେ ଓମଫେଡ୍ ଦ୍ୱିତୀୟ ଥର ପାଇଁ କ୍ଷୀର ଦର ବୃଦ୍ଧି କରିଛି । ପ୍ରିମିୟମ୍ କ୍ଷୀର ପୂର୍ବରୁ ଲିଟର ପିଛା ୫୮ ଟଙ୍କା ଥିବାବେଳେ ଏବେ ବୃଦ୍ଧି ପାଇ ୬୦ ଟଙ୍କା ହୋଇଛି । ଗୋଲ୍ଡ କ୍ଷୀର ଲିଟର ପିଛା ୨ ଟଙ୍କା ବଢ଼ି ୬୨ ଟଙ୍କାରେ ପହଞ୍ଚିଛି । ଗୋଲ୍ଡ ପ୍ଲସ୍ ୬୬ ଟଙ୍କା ଏବଂ ଟୋନ୍ଡ କ୍ଷୀର ୫୮ ଟଙ୍କାକୁ ବୃଦ୍ଧି ପାଇଛି । ଓମଫେଡ୍ ପରିଚାଳନା କମିଟି ବୈଠକରେ ଦର ବୃଦ୍ଧି ନେଇ ନିଷ୍ପତ୍ତି ନିଆଯାଇଛି । ବିଶ୍ୱ ବଜାରରେ ତୈଳ ଦର ବୃଦ୍ଧି ଯୋଗୁଁ ଉତ୍ପାଦନ ଓ ପରିବହନ ଖର୍ଚ୍ଚ ବୃଦ୍ଧି ପାଇଥିବାରୁ ଏହି ପଦକ୍ଷେପ ନିଆଯାଇଛି । ଏହା ପୂର୍ବରୁ ସେପ୍ଟେମ୍ବର ୯ ତାରିଖରେ ଚାଷୀଙ୍କ ଠାରୁ କ୍ଷୀର ସଂଗ୍ରହ ଦର ୨ ଟଙ୍କା ବଢ଼ାଯାଇଥିଲା ।

### ଦ୍ୱିତୀୟ ସପ୍ତାହରେ ପୁଣି ଲଘୁଚାପ

## ଦଶହରାରେ ଭିଜିବ ଓଡ଼ିଶା !

ଭୁବନେଶ୍ୱର,୨।୧୦ (ନି.ସୂ): ଅକ୍ଟୋବର ଦ୍ୱିତୀୟ ସପ୍ତାହରେ ଆଣ୍ଡାମାନସାଗରରେ ପୁଣି ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ଅନୁମାନ କରିଛି। ପାଣିପାଗ ବିଭାଗ ବିସ୍ତାରିତ ରିପୋର୍ଟରେ ଦର୍ଶାଯାଇଛି ଯେ ଅକ୍ଟୋବର ୧୨ରେ ଉତ୍ତର ଆଣ୍ଡାମାନ ସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ୧୩ ତାରିଖରେ ତାହା ଲଘୁଚାପ କ୍ଷେତ୍ରରେ ପରିଣତ ହେବ। ୧୫ ସୁଦ୍ଧା ଦକ୍ଷିଣ ବଙ୍ଗୋପସାଗର ଏବଂ ଏହାର ପାର୍ଶ୍ୱବର୍ତ୍ତୀ କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଅଧିକ ଘନୀଭୂତ ହୋଇ ଅବପାତ ରୂପ ନେଇପାରେ। ସମ୍ଭାବ୍ୟ ଅବପାତ ପ୍ରଭାବ ଓଡ଼ିଶା ଉପରେ କେତେ ଦୂର ରହିବ, ଗତିପଥ କ’ଣ ରହିବ, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, କେନ୍ଦୁଝର, ମୟୂରଭଞ୍ଜ, ଗଜପତି, ଗଞ୍ଜାମ, ପୁରୀ, ଖୋରଧା ଏବଂ ନୟାଗଡ଼ ଜିଲାର କିଛି ଅଞ୍ଚଳରେ ବିଜୁଳି ଘଡ଼ଘଡ଼ି ସହିତ ବର୍ଷା ହୋଇପାରେ। ଏଥିପାଇଁ ଉପରୋକ୍ତ ଜିଲାଗୁଡ଼ିକୁ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ଣ୍ଣିଂ ଦିଆଯାଇଛି। ଅପରପକ୍ଷେ, ଉପରମୁଣ୍ଡରୁ ହୀରାକୁଦକୁ ବନ୍ୟାଜଳ ପ୍ରବେଶ କମିବା ହେତୁ ଖୋଲା ଯାଇଥିବା ୩୦ଟି ଫାଟକରୁ ୨୯ଟି ଫାଟକ ବନ୍ଦ କରି ଦିଆଯାଇଛି।

## ସୀମା ଡେଇଁ ଭାରତରେ ପଶୁଥିଲେ ପାକିସ୍ତାନୀ, ବିଏସଏଫ ଗୁଳିରେ ୨ ମୃତ

ନୂଆଦିଲ୍ଲୀ, ୦୨/୧୦ :ସୀମା ଡେଇଁ ପଶିବାକୁ ଚାହୁଁଥିଲେ ପାକିସ୍ତାନୀ । ବିଏସଏଫ ଗୁଳିରେ ଟଳିଲେ ଦୁଇ । ଏପରି ଘଟଣା ସାମ୍ନାକୁ ଆସିଛି ପଞ୍ଜାବର ତରନତାରନରେ ଥିବା ଭାରତ-ପାକିସ୍ତାନ ସୀମାରେ । ପାକିସ୍ତାନ ପଟୁକିଛି ବ୍ୟକ୍ତି ଭାରତ ମଧ୍ୟରେ ବେଆଇନ ବାବେ ପ୍ରବେଶ କରୁଥିବା ବେଳେ ବିଏସଏଫ ପକ୍ଷରୁ ଆକ୍ସନ ନିଆଯାଇଛି । ରିପୋର୍ଟ ଅନୁସାରେ, ତରନତାରନରେ ଥିବା ଭାରତୀୟ ସୀମା ରେଖା ମଧ୍ୟକୁ କିଛି ପାକିସ୍ତାନୀ ଅନୁପ୍ରବେଶ କରିବାକୁ ଚେଷ୍ଟା କରୁଥିଲେ । ଏହା ଦେଖି ସେଠାରେ ଉପସ୍ଥିତ ବିଏସଏଫ ଯବାନ ସେମାନଙ୍କୁ ରୋକିବାକୁ କହିଥିଲେ । ହେଲେ ସେମାନେ ଭାରତୀୟ ଯବାନଙ୍କ କଥା ଶୁଣି ନଥିଲେ । ଏଥିରେ ଦୁଇ ଜଣପାକିସ୍ତାନୀ ନିହତ ହୋଇଛନ୍ତି ।

## ଏମଏମଡିଆର ପ୍ରସଙ୍ଗ କାହାକୁ ସୁହାଇବା ପାଇଁ ଏପରି ପଦକ୍ଷେପ ନେଇଥିଲେ : ଧର୍ମେନ୍ଦ୍ର



ଭୁବନେଶ୍ୱର, ୨।୧୦ (ନି.ସୂ) : ଓଡ଼ିଶାରେ ଏମଏମଡିଆର୍ ଆଇନ ଏବଂ ପ୍ରାକୃତିକ ସମ୍ପଦ ଯୋଗାଣକୁ ନେଇ ବିଜୁ ଜନତା ଦଳ ବାରମ୍ବାର ମିଛ କହି ରାଜ୍ୟବାସୀଙ୍କୁ ଭ୍ରମିତ କରୁଛନ୍ତି, ଯାହା ଅତ୍ୟନ୍ତ ହାସ୍ୟାସ୍ପଦ । ଏମଏମଡିଆର ପ୍ରସଙ୍ଗ ସହ ହାଇକୋର୍ଟଙ୍କ ରାୟ ଉପରେ ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏକ୍ସରେ ଟ୍ୱିଟ୍ କରିଛନ୍ତି । ଶ୍ରୀ ପ୍ରଧାନ ଉଲ୍ଲେଖ କରିଛନ୍ତି ଯେ, ପ୍ରାକୃତିକ ସମ୍ପଦକୁ ନେଇ ପୁରୁଣା ପ୍ରତିଶ୍ରୁତି ଦେଖାଇ ଚାଲୁଥିବା ଆଇନକୁ ଅଣଦେଖା କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। କେନ୍ଦ୍ରର ମୋଦୀ ସରକାରଙ୍କ ସ୍ୱଚ୍ଛ ଏମଏମଡିଆର୍ ଆଇନ ଏବଂ ଏମସିଆର୍ ୨୦୧୬ ନିୟମ ୪୫ ସଂଶୋଧନ ପରେ ବକ୍ସାଇଟର ହାରାହାରି ବିକ୍ରୟ ମୂଲ୍ୟରେ କନଭର୍ସନ ଫ୍ୟାକ୍ଟର ଲାଗୁ ହୋଇଥିଲା। ଏହାଦ୍ୱାରା ବକ୍ସାଇଟର ଦର ପ୍ରତି ଟନରେ ୭୫୦ଟଙ୍କାରୁ ୧୭୦୭ଟଙ୍କାକୁ ବୃଦ୍ଧି ପାଇଥିଲା। ଏହି ସନ୍ଦର୍ଭରେ ଶ୍ରୀ ପ୍ରଧାନ ନବୀନ ବାବୁଙ୍କୁ ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ରଖିବାକୁ ଦାବି କରିଛନ୍ତି । ରାଜ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ନିୟମକୁ କାର୍ଯ୍ୟକାରୀ ନ କରି, ତାହାକୁ ପୁନର୍ବିଚାର କରିବାକୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିବା ପଛରେ ଆପଣଙ୍କର ପ୍ରକୃତ ଉଦ୍ଦେଶ୍ୟ କ’ଣ ଥିଲା ? କାହା ସ୍ୱାର୍ଥରେ ଏବଂ କାହାକୁ ସୁହାଇବା ପାଇଁ ଆପଣ ଏପରି ପଦକ୍ଷେପ ନେଇଥିଲେ ? ନବୀନ ବାବୁ ବାସ୍ତବତାକୁ ସ୍ୱୀକାର କରି ଓଡ଼ିଶାବାସୀଙ୍କ ନିକଟରେ ସତ୍ୟ ପ୍ରକାଶ କରନ୍ତୁ ଏବଂ ବିଭ୍ରାନ୍ତିକର ତଥ୍ୟ ଦେବା ବନ୍ଦ କରନ୍ତୁ ବୋଲି ଶ୍ରୀ ପ୍ରଧାନ ସ୍ପଷ୍ଟ କରିଛନ୍ତି ।

### ବିଜେଡି ମିଡ଼ିଆ ସେଲର ନବକଳେବର

## ଜାତୀୟ ମୁଖପାତ୍ର ଲିଷ୍ଟରେ ୨୦ଜଣ ସାମିଲ୍







ଭୁବନେଶ୍ୱର,୨।୧୦ (ନି.ସୂ) : ବିଜେଡି ମିଡ଼ିଆ ସେଲର ନବକଳେବର । ବରିଷ୍ଠ ପେନାଲିଷ୍ଟ ଲିଷ୍ଟରେ ୨୦ଜଣଙ୍କୁ ଦାୟିତ୍ୱ ଦିଆଯାଇଛି । ସେହିଭଳି ବିଜେଡି ସୋସିଆଲ ମିଡ଼ିଆ ଷ୍ଟିୟରିଂ କମିଟିରେ ରହିଛନ୍ତି ୧୦ଜଣ ସଦସ୍ୟ। ଦଳର ରାଜ୍ୟ ମୁଖପାତ୍ର ଲିଷ୍ଟରେ ୩୦ଜଣଙ୍କୁ ନୂତନ ଭାବେ ନିଯୁକ୍ତ କରାଯାଇଛି ।

ସେହିଭଳି ବୈଦ୍ୟୁତିକ ଗଣମାଧ୍ୟମ ପାଇଁ ମୁଖ୍ୟ କୋର୍ଡ଼ିନେଟର ଭାବେ ଡ.ଅରୁଣ କୁମାର ସାହୁ ରହିଥିବାବେଳେ ସିନିୟର କୋର୍ଡ଼ିନେଟର ଭାବେ ଦେବେଶ ଆଚାର୍ଯ୍ୟ ରହିଛନ୍ତି । ଏହାସହ କୋର୍ଡ଼ିନେଟର ଭାବେ ଲେନିନ ମହାନ୍ତିଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ଛାପା ଗଣମାଧ୍ୟମ ପାଇଁ ମୁଖ୍ୟ କୋର୍ଡ଼ିନେଟର ଭାବେ ସଞ୍ଜୟ କୁମାର ଦାସ ବର୍ମା ରହିଥିବାବେଳେ ସିନିୟର କୋର୍ଡ଼ିନେଟର ଭାବେ ଗୌତମ ବୁଦ୍ଧ ଦାସ ରହିଛନ୍ତି । ଏହାସହ କୋର୍ଡ଼ିନେଟର ଭାବେ ପ୍ରିୟବ୍ରତ ମାଝୀ ରହିଛନ୍ତି । ସୋସିଆଲ ମିଡ଼ିଆ ଏବଂ ଆଇଟି ବିଭାଗରେ ମୁଖ୍ୟ କୋର୍ଡ଼ିନେଟର ଭାବେ ବିଜେଡିର ବରିଷ୍ଠ ନେତା ପ୍ରତାପ ଜେନାଙ୍କୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି ।

ସିନିୟର କୋର୍ଡ଼ିନେଟର ଭାବେ ପ୍ରଣବ କୁମାର ବଳବନ୍ତରାୟଙ୍କୁ ଏହି ଦାୟିତ୍ୱ ଦିଆଯାଇଥିବାବେଳେ କୋର୍ଡ଼ିନେଟର(ସୋସିଆଲ ମିଡ଼ିଆ) ଦାୟିତ୍ୱରେ ସ୍ୱୟମପ୍ରକାଶ ମହାପାତ୍ର ରହିଛନ୍ତି। କୋର୍ଡ଼ିନେଟର (ଆଇଟି) ଦାୟିତ୍ୱ ଅମରେଶ ପତ୍ରିଙ୍କୁ ପ୍ରଦାନ କରାଯାଇଛି । ଜାତୀୟ ମୁଖପାତ୍ର ଲିଷ୍ଟରେ ୨୦ଜଣଙ୍କୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି । ଏହି ଲିଷ୍ଟରେ ଡ. ସନ୍ତୃପ୍ତ ମିଶ୍ର, ଡ.ସସ୍ମିତ ପାତ୍ର, ମାନସ ମଙ୍ଗରାଜ, ସୁଲତା ଦେଓ, ଶୁଭାଶିଷ ଖୁଣ୍ଟିଆ, କଳିକେଶ ନାରାୟଣ ସିଂହ ଦେଓ, ଚିରଞ୍ଜିବ ବିଶ୍ୱାଳ, ପ୍ରଦୀପ ମାଝି, ଲେଖାଶ୍ରୀ ସାମନ୍ତସିଂହାର, ଭୃଗୁବକ୍ସ ପାତ୍ର, ସୁଦର୍ଶନ ହରିପାଲ, ସଞ୍ଜିବ ମଲ୍ଲିକ, ରଞ୍ଜିତା ସାହୁ, ମନ୍ମଥ ରାଉତରାୟ, ଅଭିନାଶ ସାମଲ, ସୁଜାତା ସାହୁ, ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ସରୋଜ ମେହେର, ମୁକେଶ କୁମାର ପାଲ, ରୁଦ୍ର ପ୍ରତାପ ମହାରଥୀଙ୍କୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି । ଅନ୍ୟପଟେ ବିଜେଡି ଆଇଟି ଷ୍ଟିୟରିଂ କମିଟିରେ ୧୫ଜଣ ସଦସ୍ୟ ରହିଛନ୍ତି ।

## ରଣନୀତି ଆକ୍ରମଣାତ୍ମକ, ଜନସମ୍ପର୍କ ପ୍ରଭାବୀ

(ସତ୍ୟବ୍ରତ ପାତ୍ର)

ଭୁବନେଶ୍ୱର, ୨/୧୦(ନି.ସୂ.): ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟ ରାଜନୀତି ଏବେଠାରୁ ସରଗରମ ହୋଇଉଠିଛି। ଗାନ୍ଧୀ ଜୟନ୍ତୀ ଅବସରରେ ରାଜ୍ୟର ତିନି ପ୍ରମୁଖ ଦଳ ଗ୍ରାଉଣ୍ଡକୁ ଓହ୍ଲାଇ ନିଜ ନିଜର ଅଭିଯାନ ଆରମ୍ଭ କରିଥିବା ବେଳେ, ପ୍ରଥମ ଦିନରେ ବିଜୁ ଜନତା ଦଳ (ବିଜେଡି) ସବୁଠାରୁ ଅଧିକ ପ୍ରଭାବୀ ସାବ୍ୟସ୍ତ ହୋଇଥିବା ଦେଖାଯାଇଛି। କଂଗ୍ରେସର ‘ଗଣତନ୍ତ୍ର ବଞ୍ଚାଅ ସପ୍ତାହ’ ଏବଂ ବିଜେପିର ‘ସେବା ସଂକଳ୍ପ’ ଅଭିଯାନ ତୁଳନାରେ ବିଜେଡିର ମାସେ ବ୍ୟାପୀ ଚାଲିବାକୁ ଥିବା ‘ଜନସମ୍ପର୍କ ପଦଯାତ୍ରା’ରେ ଲୋକଙ୍କ ଆଖିଦୃଶିଆ ସମାଗମ ଦେଖିବାକୁ ମିଳିଛି। ଭୁବନେଶ୍ୱରର ୫୨ ନମ୍ବର ଓ୍ୱାର୍ଡରୁ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଶୁଭାରମ୍ଭ ହୋଇଥିବା ଏହି ପଦଯାତ୍ରାରେ ସାଧାରଣ ଲୋକ ଓ କର୍ମୀଙ୍କ ବ୍ୟାପକ ସମ୍ପୃକ୍ତି, ଦଳର ସାଙ୍ଗଠନିକ ଭିତ୍ତିଭୂମି ଏବେ ବି ସୁଦୃଢ଼ ଥିବାର ସ୍ପଷ୍ଟ ସଙ୍କେତ ଦେଉଛି। ପ୍ରଥମ ଦିନର ଲୋକ ସମାଗମକୁ ଦେଖିଲେ ଲାଗୁଛି ଯେ ତୃଣମୂଳ ସ୍ତରରେ ଲୋକଙ୍କୁ ଯୋଡ଼ିବାରେ ବିଜେଡି ଅନ୍ୟ ଦଳ ଗୁଡ଼ିକ ଠାରୁ ଢେର ଆଗରେ ରହିଛି।

ନିର୍ବାଚନ ପୂର୍ବରୁ ଦଳ କେବଳ ରାସ୍ତାକୁ ଓହ୍ଲାଇ ନାହିଁ, ବରଂ ନିଜର ରଣନୀତିକୁ ମଧ୍ୟ ବେଶ୍ ଶାଣିତ କରିଛି। ଲୋକଙ୍କ ପାଖରେ ସଠିକ୍ ଦଳୀୟ ବାର୍ତ୍ତା ପହଞ୍ଚାଇବା ପାଇଁ ବିଜେଡି ଏକ ବିଶାଳ ତଥା ଅଭିଜ୍ଞ ମିଡିଆ ଟିମ୍ ଗଠନ କରିଛି। ବୈଦ୍ୟୁତିକ ଗଣମାଧ୍ୟମର ମୁଖ୍ୟ ସଂଯୋଜକ ଭାବେ ଅରୁଣ ସାହୁ, ପ୍ରିଣ୍ଟ ମିଡିଆ ପାଇଁ ସଞ୍ଜୟ ଦାସ ବର୍ମା ଏବଂ ସୋସିଆଲ ମିଡିଆ ଓ ଆଇଟି ସେଲ ପାଇଁ ପ୍ରତାପ ଜେନାଙ୍କ ଭଳି ବରିଷ୍ଠ ନେତାଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ଦେବେଶ ଆଚାର୍ଯ୍ୟ, ଲେନିନ ମହାନ୍ତି, ଗୌତମ ବୁଦ୍ଧ ଦାସ ଏବଂ ପ୍ରିୟବ୍ରତ ମାଝୀଙ୍କ ଭଳି ନେତାଙ୍କୁ ଗୁରୁଦାୟିତ୍ୱ ମିଳିବା ସହ ୧୦ ଜଣ ଜାତୀୟ ମୁଖପାତ୍ର ଓ ୩୦ ଜଣ ରାଜ୍ୟ ମୁଖପାତ୍ରଙ୍କ ନିଯୁକ୍ତି ପ୍ରମାଣ କରୁଛି ଯେ, ବିଜେଡି ଉଭୟ ଗ୍ରାଉଣ୍ଡ ଓ ନ୍ୟୁଜ୍-ରୁମରେ ବିରୋଧୀଙ୍କୁ ମୁକାବିଲା କରିବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ। ସୂଚନା ଓ ଯୋଗାଯୋଗ କ୍ଷେତ୍ରରେ ଏହି ସୁସଜ୍ଜିତ ମିଡିଆ ରଣନୀତି ଦଳ ପାଇଁ ବେଶ୍ ଫଳପ୍ରଦ ହେବ।

କେବଳ ସାଙ୍ଗଠନିକ ପ୍ରସ୍ତୁତି ନୁହେଁ, ଶାସକ ଦଳକୁ ଘେରିବାରେ ମଧ୍ୟ ବିଜେଡି ଆକ୍ରମଣାତ୍ମକ ଆଭିମୁଖ୍ୟ ଗ୍ରହଣ କରିଛି। ପଦଯାତ୍ରାର ଶୁଭାରମ୍ଭ କରି ନବୀନ ପଟ୍ଟନାୟକ ବିଜେପିର ‘ଡବଲ ଇଞ୍ଜିନ’ ସରକାର ଉପରେ ଯେଉଁଭଳି ବର୍ଷିଛନ୍ତି, ତାହା ଦଳୀୟ କର୍ମୀଙ୍କ ମନବଳକୁ ଦ୍ୱିଗୁଣିତ କରିଛି। ଆଇନ ଶୃଙ୍ଖଳା ପରିସ୍ଥିତି, ରଥଯାତ୍ରା ପରିଚାଳନାରେ ତ୍ରୁଟି, ବୃଦ୍ଧବୃଦ୍ଧାଙ୍କ ପେନସନ ସମସ୍ୟା, ପିଲାଙ୍କ ପାଠବହି ଅଭାବ ଠାରୁ ଆରମ୍ଭ କରି କେନ୍ଦ୍ର ନିକଟରେ ଖଣି ଅଧିକାର ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ନୀରବତାକୁ ନବୀନ କଡ଼ା ଭାଷାରେ ସମାଲୋଚନା କରିଛନ୍ତି। ବିଜେପି ସରକାରଙ୍କ ଏହି ବିଫଳତାକୁ ସିଧାସଳଖ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ବିଜେଡି ଏହି ପଦଯାତ୍ରାକୁ ଏକ ବଳିଷ୍ଠ ଅସ୍ତ୍ର ଭାବେ ବ୍ୟବହାର କରୁଛି।

ସାମଗ୍ରିକ ଭାବେ ଦେଖିବାକୁ ଗଲେ, ତିନି ପ୍ରମୁଖ ଦଳର କ୍ୟାମ୍ପେନ ଆରମ୍ଭ ଦିନରେ ବିଜେଡି ନିଜର ଶକ୍ତିଶାଳୀ ଉପସ୍ଥିତି ଜାହିର କରିବାରେ ସଫଳ ହୋଇଛି। ଗୋଟିଏ ପଟେ ସୁଦୃଢ଼ ମିଡିଆ ମ୍ୟାନେଜମେଣ୍ଟ, ଅନ୍ୟପଟେ ଶାସକ ଦଳର ବିଫଳତାକୁ ନେଇ ନବୀନଙ୍କ ଆକ୍ରମଣାତ୍ମକ ରଣହୁଙ୍କାର ଏବଂ ସର୍ବୋପରି ପଦଯାତ୍ରାରେ ବିପୁଳ ଜନ ସମାଗମ—ଏହି ସବୁ ଦିଗ ବିଜେଡିର ସଫଳ ରଣନୀତିକୁ ସ୍ପଷ୍ଟ କରୁଛି। ବର୍ତ୍ତମାନର ଏହି ଲୋକ ସମ୍ପୃକ୍ତି ଏବଂ ଦଳର ଆକ୍ରମଣାତ୍ମକ ରଣନୀତି ଯଦି ନିର୍ବାଚନ ପର୍ଯ୍ୟନ୍ତ ବଜାୟ ରହେ, ତେବେ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନରେ ବିଜେଡି ବହୁତ ଭଲ ପ୍ରଦର୍ଶନ କରିବାର ସମ୍ଭାବନା ବୃଦ୍ଧି ପାଇଛି।



## ଦଶହରା ପୂର୍ବରୁ ଅବକାରୀ ବିଭାଗର ଜୋରଦାର ଚଢଉ

# ଗତ ମାସରେ ୨୫୬ ମାମଲା ରୁଜ୍ଜୁ,୧୯୫ ଗିରଫ

**କଟକ, ୨।୧୦(ନି.ସୂ) :** ଚଳିତ ଦୁର୍ଗାପୂଜା ପୂର୍ବରୁ କଟକ ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ବେଆଇନ ମଦ ଓ ନିଶାଦ୍ରବ୍ୟ କାରବାର ବିରୋଧରେ ଚଢ଼ଉ ଓ ଯାଞ୍ଚକୁ ଜୋରଦାର କରାଯାଇଛି। ୨୦୨୬ ସେପ୍ଟେମ୍ବର ମାସରେ ଅବକାରୀ ବିଭାଗ ପକ୍ଷରୁ ମୋଟ ୨୫୬ ଟି ମାମଲା ରୁଜ୍ଜୁ କରାଯାଇ ୧୯୫ ଜଣଙ୍କୁ ଗିରଫ କରାଯାଇ କୋର୍ଟକୁ ପଠାଇ ଦିଆଯାଇଛି । ଏହି ସମୟରେ ୧୪ ହଜାର ୮୨୨ ଲିଟର ଚୋରା ଦେଶୀ ମଦ , ୮୭ ହଜାର ୭୪୫ ଲିଟର ପୋଚ (ଫର୍ମେଣ୍ଟେଡ୍ ୱାଶ୍), ୬୧୮ ଲିଟର ଦେଶୀ ମଦ, ୫୦ ଲିଟର ବିଦେଶୀ ମଦ, ୨୨ କିଲୋଗ୍ରାମ ଗଞ୍ଜେଇ ଓ ୫୨୮ ଗ୍ରାମ ହେରୋଇନ୍ ଜବତ କରାଯାଇଛି। ଏଥିସହ ୨୦ଟି ଦୁଇଚକିଆ, ୬ଟି ଚାରିଚକିଆ ଓ ଗୋଟିଏ ଅଟୋରିକ୍ସା ଜବତ କରାଯାଇଛି।

ବେଆଇନ ମଦ ଓ ନିଶାଦ୍ରବ୍ୟ କାରବାର ରୋକିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅବକାରୀ, ପୋଲିସ, ରାଜସ୍ୱ ଓ ଅନ୍ୟାନ୍ୟ ବିଭାଗକୁ ନେଇ ଏକ ଦଳ ଗଠନ କରାଯାଇଛି। ଏହି ଦଳ ଦ୍ୱାରା ମିଳିତ ଚଢାଉ ଓ ଯାନବାହନର ଯାଞ୍ଚ କରାଯାଉଛି । ରାଜପଥ ଓ ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳରେ ରାତ୍ରିକାଳୀନ ଯାଞ୍ଚ ଓ ପାଟ୍ରୋଲିଂକୁ ମଧ୍ୟ ଅଧିକ ସୁଦୃଢ଼ କରାଯାଇଛି। ବେଆଇନ ଭାବେ ମଦ ପ୍ରସ୍ତୁତ



ହେଉଥିବା ସନ୍ଦେହଜନକ ସ୍ଥାନଗୁଡ଼ିକ ଉପରେ କଡ଼ା ନଜର ରଖାଯାଇ ନିୟମିତ ଚଢ଼ଉ କରାଯାଉଛି। ଏଥିସହ ବେଆଇନ ପୋଚ ଏବଂ ପ୍ରସ୍ତୁତି ୟୁନିଟ୍ ?ଗୁଡ଼ିକୁ ନଷ୍ଟ କରାଯାଉଛି। ଗଞ୍ଜେଇ, ହେରୋଇନ୍ ଓ ଅନ୍ୟାନ୍ୟ ନିଶାଦ୍ରବ୍ୟର ଚାଲାଣ ଓ ବିକ୍ରି ବିରୋଧରେ ମଧ୍ୟ କଡା ପଦକ୍ଷେପ ନିଆଯାଉଛି। ଲାଇସେନ୍ସପ୍ରାପ୍ତ ମଦ ଦୋକାନଗୁଡ଼ିକରେ ମଧ୍ୟ ନିୟମିତ ଯାଞ୍ଚ କରାଯାଇ ଲାଇସେନ୍ସର ସର୍ତ୍ତାବଳୀ ଓ ନିର୍ଦ୍ଧାରିତ ସମୟସୀମା ପାଳନ ସୁନିଶ୍ଚିତ କରାଯାଉଛି । ଭାରତୀୟ ନାଗରିକ ସୁରକ୍ଷା ସଂହିତାର ଧାରା ୧୨୯ ଅନୁଯାୟୀ ଉପ-ଜିଲ୍ଲାପାଳ ଓ ମାଜିଷ୍ଟ୍ରେଟ୍ ?ଙ୍କ ନିକଟରେ ୧୧ ଜଣ ବ୍ୟକ୍ତି ବଣ୍ଡ ଦାଖଲ କରିଛନ୍ତି । ସେମାନେ ପର୍ବପର୍ବାଣୀ ସମୟରେ ବେଆଇନ କାର୍ଯ୍ୟକଳାପରୁ ଦୂରେଇ ରହିବାକୁ ଶପଥ ପତ୍ର ଦେଇଛନ୍ତି । ଅବକାରୀ ବିଭାଗ ପକ୍ଷରୁ ଜନସାଧାରଣଙ୍କୁ ବେଆଇନ ଓ ନକଲି ମଦ ବ୍ୟବହାର ନକରିବାକୁ ଅନୁରୋଧ କରାଯାଇଛି ।ଏହି ଯାଞ୍ଚ ଅଭିଯାନ ଆଗାମୀ ସମୟରେ ଜାରି ରହିବ। ଜିଲ୍ଲା ପ୍ରଶାସନ ଓ ଅବକାରୀ ବିଭାଗ ପକ୍ଷରୁ ସମଗ୍ର ଜିଲ୍ଲାରେ ଚଢାଉ, ଯାଞ୍ଚ ଓ ପାଟ୍ରୋଲିଂ କରାଯାଇ ଦଶହରାକୁ ସୁରକ୍ଷିତ, ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ଭାବେ ପାଳନ ପାଇଁ ସମସ୍ତ ପଦକ୍ଷେପ ନିଆଯାଉଛି।

# 'ଆଙ୍ଗନ କା ଉତ୍ସବ' ପାଳିତ

**କାକଟପୁର, ୨।୧୦(ନି.ସୂ) :** ରାଜ୍ୟରେ ଶିଶୁ, ମହିଳା, ଓ କିଶୋରୀ ମାନଙ୍କ ପୋଷଣ ଓ ସ୍ୱାସ୍ଥ୍ୟ ସଚେତନତାକୁ ବ୍ୟାପକ କରିବା ଲକ୍ଷ୍ୟ ନେଇ ମହିଳା ଓ ଶିଶୁ ବିକାଶ ବିଭାଗ ତରଫରୁ ରାଜ୍ୟରେ ପୋଷଣ ମାସ ପାଳନ କରାଯାଉଛି । ଏହି କାର୍ଯ୍ୟକ୍ରମ ଅଧୀନରେ ସେବା ସଂକଳ୍ପ ଅଭିଯାନ ଅନ୍ତର୍ଗତ ୩ ଦିନିଆ ସେପ୍ଟେମ୍ବର ୨୭ ରୁ ୨୯ ପର୍ଯ୍ୟନ୍ତ 'ଆଙ୍ଗନ କା ଉତ୍ସବ' କାକଟପୁର ବ୍ଲକର ବିଭିନ୍ନ ଅଙ୍ଗନବାଡି କେନ୍ଦ୍ର ମାନଙ୍କରେ ପାଳିତ ହୋଇଯାଇଛି ।

କାକଟପୁର ମହିଳା ଓ ଶିଶୁ ବିକାଶ ବିଭାଗ ଅନ୍ତର୍ଗତ କାକଟପୁର ଅଙ୍ଗନବାଡି କେନ୍ଦ୍ର -୨ ରେ,କର୍ମୀ ମିନାକ୍ଷୀ ପଣ୍ଡା ଙ୍କ ତତ୍ୱାବଧାନ ରେ ଏହି ଉତ୍ସବ ୩ଦିନ ବ୍ୟାପି ମହାସମାରୋହରେ ପାଳନ କରାଯାଇଛି । କାର୍ଯ୍ୟକ୍ରମର ପ୍ରଥମ ଦିନ ପୋଷଣ ଓ ଖାଦ୍ୟ ପ୍ରତିଯୋଗିତା, ଯେଉଁଥିରେ ପ୍ରତ୍ୟେକ ଶିଶୁ ମାନଙ୍କ ପରିବାର ସଦସ୍ୟ ଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ଥାଳି, ଓ ପିଠା ପ୍ରଦର୍ଶନ କରାଯାଇଥିଲା ।

ଦ୍ୱିତୀୟ ଦିନ ଶିଶୁ ଭିତ୍ତିକ ମନୋରଞ୍ଜନ କାର୍ଯ୍ୟକ୍ରମ, ବିଭିନ୍ନ ଖେଳ ପ୍ରତିଯୋଗିତା, ଜେଜେ ବାପା, ଜେଜେ ମା'ଙ୍କ ଦ୍ୱାରା ଗଳ୍ପ ଶୁଣାଇବା ସହିତ ମୋ ବିକାଶ ପତ୍ର ବଣ୍ଟନ କରାଯାଇଥିଲା । ପରେ ପରେ ପିଲାମାନଙ୍କୁ ପୁଷ୍ଟିକର ଲସି,ମାଣ୍ଡିଆ ରେ ପ୍ରସ୍ତୁତ ପିଠା, କେକ୍,ଓ ଫଳ ମୂଳ ଖାଇବାକୁ ଦିଆଯାଇଥିଲା । ତୃତୀୟ ଉତ୍ତମ କାର୍ଯ୍ୟ ଦକ୍ଷତା ପାଇଁ ଅଙ୍ଗନବାଡି କର୍ମୀ ଓ ଆଶାକର୍ମୀଙ୍କୁ ଉତ୍ତରୀୟ, ଫଳ ଭରା ଝୁଡି, ଓ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

ଏହି କାର୍ଯ୍ୟକ୍ରମ ରେ କାକଟପୁର ବ୍ଲକ ମହିଳା ଓ ଶିଶୁ ବିକାଶ ଅଧିକାରିଣୀ ପିୟୁଷ ମୟୀ ପଣ୍ଡା, କ୍ଷେତ୍ର ପରିଦର୍ଶିକା ଚାରୁଲତା




ତରାଇ, ସରପଞ୍ଚ ଅଭୟ କୁମାର ସେଠୀ,ଆଶା କର୍ମୀ କାମିନୀ ଦେଇ ଯୋଗଦାନ କରି ଉପସ୍ଥିତ ଶିଶୁ ମାନଙ୍କ ପରିବାର ସଦସ୍ୟଙ୍କୁ ପୁଷ୍ଟିକର ଖାଦ୍ୟ ବିଷୟରେ ଆଲୋକପାତ କରାଇଥିଲେ ।

ତତସହିତ ତୃଣମୂଳ ସ୍ତରରେ ଅଙ୍ଗନବାଡି କର୍ମୀଙ୍କ ସହଯୋଗରେ କିଶୋରୀ, ପ୍ରସୂତି, ଗର୍ଭବତୀ ମହିଳା, ଓ ଶିଶୁ ମାନଙ୍କୁ ସ୍ୱାସ୍ଥ୍ୟ ଓ ପୁଷ୍ଟି ସଚେତନତାକୁ ଅଗ୍ରାଧିକାର ଦେଇ ପ୍ରତ୍ୟେକ ଦିନ ଖାଦ୍ୟରେ ସେମାନଙ୍କୁ ଆମ ବାଡ଼ି ବଗିଚା ଓ ପାଖରେ ମିଳୁଥିବା ସ୍ୱାସ୍ଥ୍ୟକର ଖାଦ୍ୟକୁ ସାମିଲ କରିବା ଦ୍ୱାରା ଶିଶୁ ତଥା ପରିବାର ସଦସ୍ୟ ସୁସ୍ଥ ରହିପାରିବେ ବୋଲି ପରାମର୍ଶ ଦେଇଥିଲେ

# ଏଚଆଇଭି/ ଏଡସ୍ ସଚେତନତା ପାଇଁ ରେଡ୍ ରନ୍ ମାରାଥନ ଅନୁଷ୍ଠିତ

**ଖୋରଧା, ୨।୧୦(ନି.ସୂ) :** ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଓଡ଼ିଶା ରାଜ୍ୟ ଏଡସ ନିୟନ୍ତ୍ରଣ ସମିତି ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ମିଳିତ ଆନୁକୁଲ୍ୟରେ ରେଡ୍ ରନ୍ ୪.୦ ଅନୁଷ୍ଠିତ ହୋଇଯାଇଅଛି ।

ଉକ୍ତ ମାରାଥନ ରେ ୧୦ ଗୋଟି ମହାବିଦ୍ୟାଳୟର ୬୦ ରୁ




ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ। ଯୁବ ଗୋଷ୍ଠୀ ମଧ୍ୟରେ ଏଚ ଆଇଭିଏଡ୍ସ କୁ ପ୍ରଭାବ ଓ ସୁରକ୍ଷା ବାର୍ତ୍ତା ତଥା ସଚେତନତା ସୃଷ୍ଟି କରିବା ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ମାରାଥନ୍‌କୁ ସହକାରୀ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରଞ୍ଜନ କୁମାର ମିତ୍ର , ଡି ଏମ ଓ, ଜନସ୍ୱାସ୍ଥ୍ୟ ଡାକ୍ତର ଶ୍ୟାମ ପ୍ରସନ୍ନ ମିତ୍ର, ଜିଲା ନୋଡାଲ ଅଧିକାରୀ,ଏ ଚ ଆଇ ଭି ଏଡ୍ସ୍, ଡାକ୍ତର ସୁବ୍ରତ କୁମାର ତ୍ରିପାଠୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଗଣଦୌଡ ସିଡିଏମ ଓ କାର୍ଯ୍ୟାଳୟରୁ ବାହାରି, ଖୋରଧା ପେଟ୍ରୋଲ ପମ୍ପ,ନୂଆ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇ ପୁନଃଶ୍ଚ ଜିଲକ୍ଷ ମୁଖ୍ୟ ଚିକିତ୍ସାଳୟରେ ୫ କିମି ଅତିକ୍ରମ କରି ପହଞ୍ଚି ଥିଲା । ପରେ କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟ ଜିଲକ୍ଷ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ ପ୍ରଥମ ସ୍ଥାନ ଅଧିକାର କରିଥିବା ଚନ୍ଦନ ସାମଲ, ସୈନ୍ୟ ବାହିନୀ ନିଯୁକ୍ତି ଅନୁଷ୍ଠାନ, ଜଟଣୀ, ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଅନୱର୍ ଖାନ୍, ପ୍ରାଣ ନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟ, ଖୋରଧା, ତୃତୀୟ ସ୍ଥାନ ଅଧିକାର କରିଥିବା ଚିତ୍ତରଞ୍ଜନ ରାଉତ, ସୈନ୍ୟ ବାହିନୀ ନିଯୁକ୍ତି ଅନୁଷ୍ଠାନ, ଜଟଣୀଙ୍କୁ ଅର୍ଥରାଶି ଶହ ମାନପତ୍ର ପ୍ରଦାନ କରିଥିଲେ। ବାଳିକା ଉଇଂରେ ବର୍ଷାରାଣୀ ପ୍ରଧାନ,ଡି ସି ସି, ମହାବିଦ୍ୟାଳୟ, ଟାଙ୍ଗୀ, ପ୍ରଥମ,ପ୍ରୀୟାଂଶି ପ୍ରିୟଦର୍ଶିନୀ ସାହୁ , ସୈନ୍ୟବାହିନୀ ନିଯୁକ୍ତି ଅନୁଷ୍ଠାନ, ଜଟଣୀ ଦ୍ୱିତୀୟ, ସ୍ୱର୍ଣ୍ଣଲତା ଜେନା, ସୈନ୍ୟ ବାହିନୀ ନିଯୁକ୍ତି ଅନୁଷ୍ଠାନ, ଜଟଣୀ ତୃତୀୟ ସ୍ଥାନ ଅଧିକାର କରିଥିବାରୁ ପୁରସ୍କୃତ ହୋଇଥିଲେ। ଉକ୍ତ ପ୍ରତିଯୋଗୀମାନେ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ । କାର୍ଯକ୍ରମ ସଂଯୋଜନା ଡିପିଏମ ବିଧାନ ଚନ୍ଦ୍ର ନାୟକ ସମ୍ପାଦିତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଡାକ୍ତର ଜୀବନ୍ତ ଅଚାର୍ଜି, ଜିଲକ୍ଷଳ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ପ୍ରାଧ୍ୟାପକ, ପଦାର୍ଥ ବିଜ୍ଞାନ, ପ୍ରାଣ ନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଡ଼ଃ ସୁବୋଧ କୁମାର ଜଗଦେବ ଙ୍କ ସମେତ ଜିଲକ୍ଷ ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଙ୍କ କାର୍ଯ୍ୟାଳୟ ର ବିଭିନ୍ନ ବିଭାଗର କର୍ମଚାରୀ, ସ୍ୱେଚ୍ଛାସେବୀ ସଂଗଠନ କର୍ମକର୍ତ୍ତା, ବିଭିନ୍ନ ମହାବିଦ୍ୟାଳୟର ସୈକ୍ଷିକ କର୍ମଚାରୀ ଓ ଗଣ ମାଧ୍ୟମ ପ୍ରତିନିଧି ବୃନ୍ଦ ଯୋଗଦେଇଥିଲେ।

## କୃଷିଜାତ ଉତ୍ପାଦ ରପ୍ତାନି ପାଇଁ ରପ୍ତାନିମୁଖୀ କ୍ଷମତା ବିକାଶ କାର୍ଯ୍ୟକ୍ରମ

# ସମ୍ଭାବନାକୁ ସୁଯୋଗରେ ପରିଣତ କରି ସଫଳତା ହାସଲ କରିବାକୁ ସାଂସଦଙ୍କ ଆହ୍ୱାନ

**ଛତ୍ରପୁର, ୨।୧୦(ନି.ସୂ) :** ଗଞ୍ଜାମ ଜିଲ୍ଲାର କୃଷି ଓ କୃଷିଜାତ ଉତ୍ପାଦକୁ ଜାତୀୟ ଓ ଅନ୍ତର୍ଜାତୀୟ ବଜାର ସହ ସଂଯୋଗ କରିବା ଏବଂ କୃଷକ ଉତ୍ପାଦକ ସଂଗଠନ, କୃଷକ ଉତ୍ପାଦକ କମ୍ପାନୀ ଓ ପ୍ରଗତିଶୀଳ ଚାଷୀମାନଙ୍କୁ ରପ୍ତାନି ପାଇଁ ପ୍ରସ୍ତୁତ କରିବା ଲକ୍ଷ୍ୟରେ ଏପିଇଡିଏ, ଓରମାସ୍

**ଗଞ୍ଜାମରୁ ରପ୍ତାନି ବୃଦ୍ଧି ପାଇଁ ଗଠନ ହେବ ଜିଲ୍ଲାସ୍ତରୀୟ ରପ୍ତାନି ପ୍ରୋତ୍ସାହନ ପରିଷଦ**

ଓ ଗଞ୍ଜାମ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆଜି ଛତ୍ରପୁରସ୍ଥିତ ଜିଲ୍ଲା ପରିଷଦର ଋଷିକୂଲ୍ୟା ସମ୍ମିଳନୀ କକ୍ଷରେ ରପ୍ତାନିମୁଖୀ କ୍ଷମତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆସିକା ସାଂସଦ ଅନିତା ଶୁଭଦର୍ଶିନୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗଞ୍ଜାମର କୃଷି ଓ କୃଷିଜାତ ଉତ୍ପାଦ କ୍ଷେତ୍ରରେ ରହିଥିବା ବିପୁଳ ସମ୍ଭାବନାକୁ ସୁଯୋଗରେ ପରିଣତ କରି ସଫଳତା ହାସଲ କରିବା ପାଇଁ ଚାଷୀ ଭାଇ ଭଉଣୀମାନଙ୍କୁ ଆହ୍ୱାନ କରିଛନ୍ତି । ଗଞ୍ଜାମରୁ ଜାତୀୟ ବଜାରରେ ପହଞ୍ଚୁଥିବା ଉତ୍ପାଦକୁ ଅନ୍ତର୍ଜାତୀୟ ବଜାରରେ ପହଞ୍ଚାଇବା ପାଇଁ ଗୁଣାତ୍ମକ ଉତ୍ପାଦନ, ଜୈବିକ ଚାଷ, ଉପଯୁକ୍ତ ପ୍ୟାକେଜିଂ, ବ୍ରାଣ୍ଡିଂ ଓ ବଜାର ସଂଯୋଗ ଉପରେ ଅଧିକ ଗୁରୁତ୍ୱ ଦେବା ସହ ସାରୁ, ଖଣିଚାଉଳ ଓ ଆଖୁ ଭଳି ସ୍ଥାନୀୟ ଉତ୍ପାଦର ରପ୍ତାନି ସମ୍ଭାବନା ଅନୁସନ୍ଧାନ କରିବାକୁ ସେ ଆହ୍ୱାନ କରିଛନ୍ତି ।

ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ କହିଥିଲେ ଯେ, ରପ୍ତାନି ପାଇଁ ଉତ୍ପାଦର ଗୁଣବତ୍ତା ଓ ପର୍ଯ୍ୟାପ୍ତ ଉତ୍ପାଦନ ସହିତ



ଉପଯୁକ୍ତ ପ୍ୟାକେଜିଂ, ବ୍ରାଣ୍ଡିଂ ଓ ବଜାର ସଂଯୋଗ ମଧ୍ୟ ଜରୁରୀ। ପ୍ୟାକେଜିଂ ଓ ବ୍ରାଣ୍ଡିଂର ଗୁରୁତ୍ୱ ବୁଝାଇବାକୁ ସେ ଜନ୍ମଦିନ ଓ ବିବାହ ଉତ୍ସବର ସାଜସଜ୍ଜାର ଉଦାହରଣ ଦେଇ ଆଞ୍ଚଳିକ ଓ ଅନ୍ତର୍ଜାତୀୟ ବଜାରର ଆବଶ୍ୟକତା ମଧ୍ୟରେ ଥିବା ପାର୍ଥକ୍ୟ ବୁଝାଇଥିଲେ।

ରପ୍ତାନି ସମ୍ପର୍କିତ ସମସ୍ୟାର ସମାଧାନ ଓ ଜିଲ୍ଲାରୁ ରପ୍ତାନି ବୃଦ୍ଧି ପାଇଁ ଜିଲ୍ଲାସ୍ତରୀୟ ରପ୍ତାନି ପ୍ରୋତ୍ସାହନ ପରିଷଦ ଗଠନ କରାଯିବ ବୋଲି ସେ କହିଥିଲେ।

କାର୍ଯ୍ୟକ୍ରମରେ ଏପିଇଡିଏର ଆଞ୍ଚଳିକ ମୁଖ୍ୟ ସୀତାକାନ୍ତ ମଣ୍ଡଳ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ଓରମାସର ଯୁଗ୍ମ ସିଇଓ ମନୋଜ କୁମାର ପାତ୍ର, ଡେପୁଟି ସିଇଓ ଓରମାସ ଗଞ୍ଜାମ ରାଜ ଗୋପାଳ ଦାଶ, ବିଭିନ୍ନ ବିଭାଗର ଅଧିକାରୀ, ରପ୍ତାନିକାରୀ ସଂସ୍ଥାର କର୍ମକର୍ତ୍ତାମାନେ ରପ୍ତାନି ପାଇଁ ଆବଶ୍ୟକ ଗୁଣବତ୍ତା, ପ୍ରକ୍ରିୟାକରଣ, ପ୍ୟାକେଜିଂ, ଦଲିଲପତ୍ର, ବଜାର ସଂଯୋଗ ଓ ରପ୍ତାନି ପ୍ରକ୍ରିୟା ସମ୍ପର୍କରେ ଅବଗତ କରାଇଥିଲେ।

ଚିକିଟିରୁ ଚିକାଗୋକୁ କଳାଧାନ ରପ୍ତାନି କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବିକ୍ରମ ଗୌଡ଼ ନିଜ ରପ୍ତାନି ଅନୁଭୂତି ବାଣ୍ଟିବା ସହ ପ୍ରିମିୟମ ଗୁଣବତ୍ତାର ଚାଉଳର ଚାହିଦା, ଜୈବିକ ଚାଷ, ଧାନ ଗବେଷଣା, ଖଣିଚାଉଳ, ସାମୂହିକ ସହଯୋଗ ଏବଂ ବ୍ରହ୍ମପୁର ଓ ଛତ୍ରପୁରରେ ବିକ୍ରୟ କେନ୍ଦ୍ର ଖୋଲିବା ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ କୃଷିଜାତ ଉତ୍ପାଦର ରପ୍ତାନି ପ୍ରୋତ୍ସାହନ ପାଇଁ ସରକାରୀ ଯୋଜନା, ରପ୍ତାନି ପ୍ରକ୍ରିୟା, ଜିଲ୍ଲାର ସମ୍ଭାବନାପୂର୍ଣ୍ଣ ଉତ୍ପାଦ ଚିହ୍ନଟ, ଅନ୍ତର୍ଜାତୀୟ ମାନଦଣ୍ଡ ଅନୁଯାୟୀ ଗୁଣବତ୍ତା, ପ୍ରକ୍ରିୟାକରଣ ଓ ବଜାର ସଂଯୋଗ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା।

ଏଥିରେ ୨୧୦ଟି ଏଫ୍‌ପିଓରୁ ୧୩୦ରୁ ଉର୍ଦ୍ଧ୍ୱ ପ୍ରଗତିଶୀଳ ଚାଷୀ ଓ ପ୍ରତିନିଧି ଯୋଗଦେଇଥିଲେ।

# ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ

**ନୀଳଗିରି, ୨।୧୦(ନି.ସୂ) :** ସ୍ଥାନୀୟ ନୀଳଗିରି ଚିକିତ୍ସାଳୟ ନିକଟସ୍ଥିତ ହନୁମାନ ମନ୍ଦିର ସମ୍ମୁଖ ରାସ୍ତାକୁ ସ୍ୱଚ୍ଛତା ହିଁ ସେବା-୨୦୨୬ ପରିପ୍ରେକ୍ଷୀରେ 'ଏକ ଦିନ,ଏକ ଘଣ୍ଟା ,ସବ୍ କେ ସାଥ'କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସ୍ଥାନୀୟ ବିଧାୟକ ସନ୍ତୋଷ ଖଟୁଆ ଯୋଗ ଦେଇ ଥିବା ବେଳେ ବରେଣ୍ୟ ଅତିଥି ମାନଙ୍କ ମଧ୍ୟରେ ନୀଳଗିରି ପୌର ପରିଷଦର କାର୍ଯ୍ୟକାରୀ ଅଧ୍ୟକ୍ଷ ଶ୍ରୀଯୁକ୍ତ ମହେନ୍ଦ୍ର ନାଥ ବେହେରା , ଏନ୍. ଏ.ସି. ନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ଅଂଶୁମାନ ପରିଡ଼ା, ସୂଚନା ଓ ଲୋକସମ୍ପର୍କ



ଅଧିକାରୀ ଶ୍ରୀ ଗୋବର୍ଦ୍ଧନ ବିଶ୍ୱାଳ,ସମାଜସେବୀ ଶ୍ରୀଯୁକ୍ତ ଚନ୍ଦ୍ର ଶେଖର ନନ୍ଦ ,ବରିଷ୍ଠ ବୁଦ୍ଧିଜୀବୀ,ଗଣମାଧ୍ୟମର ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଗଣ ସାମିଲ ହୋଇଥିଲେ। ସେବା ସଂକଳ୍ପ ଅଭିଯାନ ପରିପ୍ରେକ୍ଷୀରେ ସ୍ୱଚ୍ଛତା ହିଁ ସେବା -୨୦୨୬ କାର୍ଯ୍ୟକ୍ରମରେ ମନ୍ଦିର ସମ୍ମୁଖ ରାସ୍ତା ଏବଂ ଉପଖଣ୍ଡ ଚିକିତ୍ସାଳୟ ପରିସରରେ ସମୂହ ସଫେଇ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ପରେ ପରେ ମୁଖ୍ୟ ଅତିଥି ମାନ୍ୟବର ବିଧାୟକ ସନ୍ତୋଷ ଖଟୁଆ ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟ ପରିସରରେ ଆୟୋଜିତ ରକ୍ତ ଦାନ ଶିବିରକୁ ଉଦ୍‌ଘାଟନ କରି ଏକ ଶୋଭାଯାତ୍ରାର ପଟୁଆର ଚିକିତ୍ସାଳୟରୁ ବାହାରି ସହର ପରିକ୍ରମା କରିଥିଲା। ଏହି ଶୋଭାଯାତ୍ରାରେ ମହାଲକ୍ଷ୍ମୀ ବୈଷୟିକ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ରକ୍ତ ଦାନ, ମହାପୁଣ୍ୟ, ରକ୍ତ ଦିଅନ୍ତୁ, ଜୀବନ ବଞ୍ଚନ୍ତୁ ଭଳି ସଚେତନତା ସୃଷ୍ଟି କାରୀ ବାର୍ତ୍ତା ପ୍ଲାକାର୍ଡ ପ୍ରଦର୍ଶନ କରିଥିଲେ ।

# ସେବା ସଂକଳ୍ପ ଅଭିଯାନ ଅବସରରେ ୧୧୨ ୟୁନିଟ ରକ୍ତ ସଂଗ୍ରହ

**ବ୍ରହ୍ମପୁର, ୨।୧୦(ନି.ସୂ) :** ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୨୫ ବର୍ଷର ସୁଶାସନ ଓ ନିରନ୍ତର ଭାବେ ଦେଶ ସେବା କରିବା ସହ ଭାରତ ବର୍ଷକୁ ଯଶସ୍ୱୀ କରିବାର ସ୍ୱପ୍ନକୁ ନେଇ ଭାରତୀୟ ଜନତା ପାର୍ଟି ଦ୍ୱାରା ସେପ୍ଟେମ୍ବର ୧୭ ରୁ ଅକ୍ଟୋବର ୧୭ ପର୍ଯ୍ୟନ୍ତ ପାଳିତ ହେଉଥିବା 'ସେବା ସଂକଳ୍ପ ଅଭିଯାନ ୨୦୨୬' ଅବସରରେ ସେବା ଭାରତୀ, ବିଜେପି ଯୁବମୋର୍ଚ୍ଚା ଗେଟ୍ ବଜାର ମଣ୍ଡଳ ଏବଂ ଗାନ୍ଧୀ ନଗର ମଣ୍ଡଳ ପକ୍ଷରୁ ଜିଲ୍ଲା ଯୁବମୋର୍ଚ୍ଚା ଉପସଭାପତି ବି ରବି ରାଓଙ୍କ ନେତୃତ୍ୱରେ ଏକ 'ରକ୍ତଦାନ ଶିବିର' ଓ 'ଚକ୍ଷୁ ପରୀକ୍ଷା ଶିବିର' ଗେଟ୍ ବଜାର ଛକ ସ୍ଥିତ ମାଁ କୁଠାରୀ ଦେବୀ ମନ୍ଦିର କଲ୍ୟାଣ ମଣ୍ଡପରେ ଠାରେ ଆୟୋଜିତ ହୋଇଥିଲା । ଭାରତୀୟ ଜନତା ପାର୍ଟି ଗଞ୍ଜାମ ଜିଲ୍ଲା ସଭାପତି ସରୋଜ ସାବତ ଏବଂ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି ଯୋଗ ଦେଇ ଏହି 'ରକ୍ତଦାନ ଶିବିର ଏବଂ ଚକ୍ଷୁ ପରୀକ୍ଷା ଶିବିର'ର ଉଦଘାଟନ କରିଥିଲେ । ଏହି ଶିବିରରେ ମୋଟ ୧୧୨



ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବା ବେଳେ ୨୦୦ ରୁ ଉର୍ଦ୍ଧ ଲୋକଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା । ବଡ଼ ମେଡିକାଲ ରକ୍ତ ଭଣ୍ଡାର କର୍ମଚାରୀ ଏବଂ ଏଲ୍ ଭି ପ୍ରଶାଦ ଚକ୍ଷୁ ଚିକିତ୍ସାଳୟ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ । ଏହି ଅବସରରେ ବିଜେପି ଗଞ୍ଜାମ ଜିଲ୍ଲା ସଭାପତି ସରୋଜ ସାବତ,ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି,ମହନ୍ତ ଚିନ୍ମୟନନ୍ଦ ଦାସ,ଗଞ୍ଜାମ ଜିଲ୍ଲା ସଂଘ ଚାଳକ ଭଗବାନ ତ୍ରିପାଠୀ,ରାଜ୍ୟ ଯୁବମୋର୍ଚ୍ଚା ଉପସଭାପତି ତୁତୁନ୍ ପାତ୍ର,ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ବି ସମୋନଥ ପାତ୍ର,ବିଜେପିର ବରିଷ୍ଠ ନେତା ସୁନିଲ କୁମାର ସାହୁ,ସାଂସଦ ପ୍ରତିନିଧି ବାଳକୃଷ୍ଣ ସାମନ୍ତରା,ବିଜେପି ଜିଲ୍ଲା ଉପସଭାପତି ପ୍ରଭାତ କିରଣ ଷଡ଼ଙ୍ଗୀ,ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ସିଦ୍ଧାନ୍ତ ଗଙ୍ଗଦେବ,ଗଞ୍ଜାମ ଜିଲ୍ଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଗୋପୀନାଥ ମହାରଣା ଓ କୃଷ୍ଣଚନ୍ଦ୍ର ପୋଲାଇ,ଜିଲ୍ଲା ଯୁବମୋର୍ଚ୍ଚା ସମ୍ପାଦକ ଅମର ସାହୁ,ସୁମନ ରାଉଳ,ଜିଲ୍ଲା ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଶୀତଲ ଜେନା,ସିରିଡି ବିକ୍ରମ,ରାହୁଲ ସାହୁ,ଲିଙ୍ଗରାଜ ସାହୁ,କମଲ୍ ପାତ୍ର,ମଣ୍ଡଳ ସଭାପତି ରଜତ ପାତ୍ର,ରୋହନ ପାତ୍ର,ପୂର୍ବତନ ବିଜେପି ମଣ୍ଡଳ ସଭାପତି ଧର୍ମରାଜ ପାଣିଗ୍ରାହୀ, ଏସ୍.ଶ୍ରୀନିବାସ,ସରୋଜ ପାତ୍ର,ବରିଷ୍ଠ ମହିଳା ନେତ୍ରୀ ଏସ.ରାଣୀ, ପ୍ରଦୀପ ସାହୁ,ଚିନୁ ଡାକୁଆ,ଶଙ୍କର ମହାପାତ୍ର,ଗଜେନ୍ଦ୍ର ଚୌଧୁରୀ,ସନ୍ତୋଷ ପଟ୍ଟନାୟକ,ତ୍ରିନାଥ ମହାପାତ୍ର ପ୍ରମୁଖଙ୍କ ସହ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

## ସେବା ସଂକଳ୍ପ ଅଭିଯାନ ଅବସରରେ ପଥପ୍ରାନ୍ତ ନାଟକ 'ନମୋ ସେବା ଗାଥା' ମଞ୍ଚସ୍ଥ

**ରାଜନଗର, ୨।୧୦(ନି.ସୂ) :** ରାଜନଗର ବ୍ଲକ ସାନବଡ ଗୋପାଳପୁର ପଞ୍ଚାୟତ ବୀଣାପାଣି ବଜାର ଛକରେ ରାଜ୍ୟ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ପଥ ପ୍ରାନ୍ତ ନାଟକ ନମୋ ସେବା ଗାଥା ମଞ୍ଚସ୍ଥ ହୋଇଯାଇଛି।୧୭ ସେପ୍ଟେମ୍ବରରୁ ୧୭ ଅକ୍ଟୋବର ପର୍ଯ୍ୟନ୍ତ ସେବା ସଂକଳ୍ପ ଅଭିଯାନ ଅବସରରେ ଏହି ପଥପ୍ରାନ୍ତ ନାଟକ ବ୍ଲକର ସମସ୍ତ ପଞ୍ଚାୟତରେ ଅନୁଷ୍ଠିତ ହେବ ବୋଲି ଜଣା ପଡ଼ିଛି।

ଗଣକବି ଗୋପାଳ ଦାସ ସ୍ମୃତି ସଂସଦର କଳାକାର ମାନେ ଏହି ପଥ ପ୍ରାନ୍ତ ନାଟକରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ସଫଳତା ସମ୍ପର୍କରେ ନାଟ୍ୟ ପରିବେଷଣ କରିଥିଲେ ।ଏହି କାର୍ଯ୍ୟକ୍ରମରେ ସରପଞ୍ଚ ଗୋଲେଖ ଚନ୍ଦ୍ର ସ୍ୱାଇଁ,ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅନିତ୍ୟ ମିଶ୍ର, ଏଡିଇଓ ନାରାୟଣ ଚନ୍ଦ୍ର ଦାସ,ୱାର୍ଡ ସଭ୍ୟ ପବିତ୍ର କୁମାର ସାହୁଙ୍କ ସହ ଅନ୍ୟମାନେ



ଉପସ୍ଥିତ ଥିଲେ ।ଗୁରୁବାର ଦିନ ସାନବଡ ଗୋପାଳପୁର ସମେତ ବନ୍ଧପଡା,ଓସ୍ତିଆ,ବେଲପାଳ ଓ ରାଜପୁର ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ହେବ ।ଏହା ସହ ଆସନ୍ତା ୬ତାରିଖ ସୁଦ୍ଧା ବ୍ଲକର ୨୯ ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

# ବରିଷ୍ଠ ନାଗରିକ ଦିବସ ପାଳିତ

**ବାଲିଆପାଳ, ୨।୧୦(ନି.ସୂ) :** ଅନ୍ତର୍ଜାତୀୟ ବରିଷ୍ଠ ନାଗରୀକ ଦିବସ - ୨୦୨୬ ଅବସର ରେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ




ସଭାଗୃହ ରେ ଗୁରୁବାର ପୁର୍ବାହ୍ନ ସାଢ଼େ ଦଶଟା ସମୟରେ ବାଲିଆପାଳ ପଞ୍ଚାୟତ ସେମିତି ଏବଂ ସାମଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓଡ଼ିଶା ସରକାର ଙ୍କ ପକ୍ଷରୁ ବରିଷ୍ଠ ନାଗରୀକଙ୍କ ନିମନ୍ତେ ମାଗଣା ଯୋଗ ଶିକ୍ଷା ଓ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହଇଯାଇଛି। ଏହି ଅବସରରେ ବରିଷ୍ଠ ନାଗରୀକ ମାନଙ୍କୁ ବିଭିନ୍ନ ଯୋଗ ଶିକ୍ଷା ଓ ତାର ଉପକାରିତା ବିଷୟରେ ସଚେତନ କରାଯିବା ସହିତ ମାଗଣାରେ ମଧୁ ମେହ ଓ ରକ୍ତ ଚାପର ଜନିତ ରୋଗର ସ୍ଥିତି ଜାଣିବା ପାଇଁ ରକ୍ତ ପରୀକ୍ଷା କରାଯାଇ ସେମାନଙ୍କୁ ଅବଶ୍ୟକ ଔଷଧ ସେବନ ପାଇଁ ଦିଆ ଯାଇଥିଲା। ଏହି ଅବସର ରେ ବାଲିଆପାଳ ବ୍ଲକ ସମ୍ମିଳନି କକ୍ଷ ରେ ବିଡ଼ିଓ ରାଧାରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାର ଅତିଥି ଭାବରେ ବାଲିଆପାଳ ବରିଷ୍ଠ ନାଗରୀକ ପରିଷଦ ର ସମ୍ପାଦକ ଡ଼ା.ବଂକିମ ଚନ୍ଦ୍ର ଜେନା ଏବଂ ଅବସର ପ୍ରାପ୍ତ ସୈନିକ ତଥା ବରିଷ୍ଠ ନାଗରୀକ ପାରିଷଦ ର ସଦସ୍ୟ କମଳ ଲୋଚନ ପୀଳା ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପରେ କୁନି କୁନି ପ୍ରତିଭା ମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସଂସ୍କୃତି କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ମହିଳା ପୁରୁଷ ବରିଷ୍ଠ ନାଗରିକ ମାନଙ୍କୁ ଉତ୍ତରୀୟ ଓ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

ପରେ ବରିଷ୍ଠ ନାଗରିକ ମାନେ ବ୍ଲକ ପରିସର ରେ ବୃକ୍ଷ ରୋପଣ କରିଥିଲେ । ଏହି ଅବସରର ରେ ଅନୁଷ୍ଠିତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ବାଲିଆପାଳ ବ୍ଲକ ଜିପିଡିଓ ପ୍ରିୟବ୍ରତ ଗିରି, ସାମାଜିକ ସୁରକ୍ଷା ଅଧିକାରୀ ଚନ୍ଦ୍ର କାନ୍ତ ଭଲୋକ କର୍ଯ୍ୟକ୍ରମରେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସେହିପରି ବିଡିଓ ରଧରଞ୍ଜନ ଦାସଙ୍କ ତତ୍ତ୍ୱାବଧାନରେ ସେବା ସଂକଳ୍ପ ଅଭିଯା ରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ସକାଳେ ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀର ମହିଳା ଓ ବ୍ଲକ କର୍ମଚାରୀ ମିଳିତ ଭାବରେ ବ୍ଲକ ପରିସର ରେ ସଫେଇ କାର୍ଯ୍ୟକ୍ରମ କରିଥିଲେ।

## ସ୍ୱଚ୍ଛତା ପୋଖୋଡା କାର୍ଯ୍ୟକ୍ରମ ଆୟୋଜିତ

**ଝାରପୋଖରିଆ, ୨।୧୦(ନି.ସୂ) :** ଝାରପୋଖରିଆ ସ୍ଥିତ ସୀମାନ୍ତ ମହାବିଦ୍ୟାଳୟ ପରିସରରେ, ସାରସକଣା



ବ୍ଲକ୍‌ରେ ସ୍ୱଚ୍ଛତା ପୋଖୋଡା କାର୍ଯ୍ୟକ୍ରମ ଆୟୋଜନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୋଟ ୩୬ ଜଣ ଯୁବକ-ଯୁବତୀ ଅଂଶଗ୍ରହଣ କରିଥିଲେ। ମହାବିଦ୍ୟାଳୟ ପରିସର ଏବଂ ଛାତ୍ରାବାସ ପରିସରରେ ସ୍ୱଚ୍ଛତା ଅଭିଯାନ ହୋଇଥିଲା । ଏହା ପରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଂଯୁକ୍ତ ଏନସିସି ଅଧିକାରୀ ଲେଫ୍ଟନାଣ୍ଟ ଶ୍ରୀ ନିହାର ରଞ୍ଜନ ମହାନ୍ତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରାୟ ଦୁଇ ଘଣ୍ଟା ଧରି ଏହି କାର୍ଯ୍ୟକ୍ରମ ଚାଲିଥିଲା। ଏହି ସ୍ୱଚ୍ଛତା ପୋଖୋଡା କାର୍ଯ୍ୟକ୍ରମ 'ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ' ଅଧୀନରେ ଥିବା 'ମେରା ଯୁବ ଭାରତ' ଦ୍ୱାରା ଆୟୋଜିତ ହୋଇଥିଲା।

# ବଡସାହି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ମରୁଡି, ଭଗବାନ ହିଁ ଭରସା

**ମୟୂରଭଞ୍ଜ, ୨।୧୦(ନି.ସୂ) :** ବଡ଼ସାହି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ତ୍ରୀ ଓ ପ୍ରସୂତି ବିଭାଗ ଡା. ସୁକାନ୍ତ ପାତ୍ରଙ୍କ ନାମରେ ରୋଗୀଙ୍କ ସମ୍ପର୍କୀୟ ଆଣିଛନ୍ତି ସଙ୍ଗିନ ଅଭିଯୋଗ। ପ୍ରକାଶ ଯେ, ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ହେଲେ ତାହା କଣ ସଫଳ ହେଉଛି ? ସୂଚନା ଅନୁଯାଇ ସ୍ଥାନୀୟ ଜଣେ ଯୁବକ ତାଙ୍କ ସ୍ତ୍ରୀ ଙ୍କୁ ଜରୁରୀ କାଳୀନ ସେବା ପାଇଁ ଡ଼ା. ସୁକାନ୍ତ ପାତ୍ରଙ୍କୁ ଦେଖାଇବା ପାଇଁ ଆଣିଥିଲେ। ମାତ୍ର ଡ଼. ପାତ୍ର ସ୍ୱାସ୍ଥ୍ୟ କେନ୍ଦ୍ରରେ ନଥିଲେ ପରେ ସେ ପଚରା- ଉଚରା କରିବାରୁ ଜାଣିବାକୁ ପାଇଲେ ଡାକ୍ତର ସରକାରୀ



ଡ଼ିୟୁଟି ସମୟରେ ତାଙ୍କ ସରକାରୀ ବାସଭବନରେ ପ୍ରତ୍ୟେକ ରୋଗୀଙ୍କ ନିକଟରୁ ୫୦୦ ଟଙ୍କା ନେଇ ରୋଗୀ ଦେଖୁଥିବା ଅଭିଯୋଗ କରିଛନ୍ତି। ଏହାକୁ ସ୍ଥାନୀୟ ରୋଗୀଙ୍କ ସମ୍ପର୍କୀୟ ବିରୋଧ କରିବାରୁ କିଛି ସମୟ ଚାପା ଉତ୍ତେଜନା ଲାଗିଥିବାର ଦେଖିବାକୁ ମିଳିଥିଲା । ପ୍ରଶାସନ ଏହାର ତଦନ୍ତ ପାଇଁ ସ୍ଥାନୀୟ ଅଞ୍ଚଳରେ ଦାବି ହୋଇଛି।

ଶ୍ରଦ୍ଧାରୁ ଜ୍ଞାନ ମିଳିଥାଏ
ନମ୍ରତାରୁ ମାନ ମିଳିଥାଏ
ଏବଂ ନିଜ ଯୋଗ୍ୟତାରୁ ସ୍ଥାନ ମିଳିଥାଏ
ଆଉ ଯେତେବେଳେ ଏଇ ତିନୋଟି ଯାକ ମିଶିଯାଏ
ସେତେବେଳେ ମଣିଷକୁ ସମ୍ମାନ ମିଳିଥାଏ ।

# ପାଇଲଟ ସ୍ମିତଙ୍କ ପାଇଁ ଛୁଟୁଛି ପ୍ରଶଂସାର ସୁଅ

ମଝି ଆକାଶରେ ନିଜର ବୀରତା ଦେଖାଇଥିବା ଫ୍ଲାଏଦୁବାଇ ବିମାନର ଭାରତୀୟ କ୍ୟାପଟେନ ସ୍ମିତ ମଚ୍ଛାରଙ୍କୁ ଏବେ ପୂରା ବିଶ୍ୱ ପ୍ରଶଂସା କରୁଛି। କକପିଟ୍‌ରେ ସହ ପାଇଲଟ ଛୁରା ମାଡ଼ କରିଥିଲେ ହେଁ ସ୍ମିତ ନ ଡରି ଏହାର ମୁକାବିଲା କରିଥିଲେ ଓ ଦ୍ୱିତୀୟ ସମ୍ଭାବ୍ୟ ୯/୧୧ ଷ୍ଟାଇଲ ଆକ୍ରମଣକୁ ପ୍ରତିହତ କରିଥିଲେ। ଏଥିପାଇଁ ତାଙ୍କୁ ଗୁଜରାଟ ସରକାର ବଡ଼ ସମ୍ମାନୀତି କରିବାକୁ ଘୋଷଣା କରିଛନ୍ତି। ହିରୋ କ୍ୟାପଟେନ ସ୍ମିତଙ୍କୁ ବିଶିଷ୍ଟ ଗୁଜରାଟ ଗାରିମା ମସମ୍ମାନରେ ସମ୍ମାନୀତ କରାଯିବ। ଏଥିସହ ଗୁଜରାଟ ସରକାର ତାଙ୍କୁ ୨୫ ଲକ୍ଷ ଟଙ୍କା ମଧ୍ୟ ଦେବେ। ସେ ଅଦମ୍ୟ ସାହାସ ଦେଖାଇଥିବାରୁ ତାଙ୍କୁ ସରକାର ଏହି ସମ୍ମାନରେ ସମ୍ମାନୀତ କରିବେ ବୋଲି ଗୁଜରାଟର ମୁଖ୍ୟମନ୍ତ୍ରୀ ଭୂପେନ୍ଦର ପଟେଲ ଆଜି ଘୋଷଣା କରିଛନ୍ତି।

ପଟେଲ ଓ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ ଉଭୟ ସ୍ମିତଙ୍କୁ ନିଜ ରାଜ୍ୟର ପୁଅ କହି ପ୍ରଶଂସା କରିଛନ୍ତି। ଗୁଜରାଟ ମୁଖ୍ୟମନ୍ତ୍ରୀ ଏକ୍ସରେ ଲେଖିଛନ୍ତି, "ଗୁଜରାଟର ଏହି ବୀର ସୁପୁତ୍ର ନିଜର ବୀରତା ବଳରେ ଗୁଜରାଟ ଓ ପୂରା ଦେଶର ନାଁ ପୂରା ବିଶ୍ୱରେ ଉଜ୍ଜ୍ୱଳ କରିଛନ୍ତି। ତାଙ୍କ ଶରୀରରେ ପ୍ରବାହିତ ଗୁଜରାଟୀ ଆତ୍ମବିଶ୍ୱାସ ଆଜି ଆମ ସମସ୍ତଙ୍କୁ ଗର୍ବିତ କରିଛି। ଇସ୍ରାଏଲ ଯାଉଥିବା ବିମାନର ପାଇଲଟ କ୍ୟାପଟେନ ସ୍ମିତ ମଚ୍ଛାରଙ୍କ ସାହାସକୁ ଆଜି ପୂରା ବିଶ୍ୱ ସଲାମ କରୁଛି। ଆକ୍ରମଣରେ ରକ୍ତାକ୍ତ ହୋଇଥିବା ସତ୍ତ୍ୱେ ସେ ଅଦମ୍ୟ ସାହାସ ଦେଖାଇ ୧୭୪ ଜଣଙ୍କ ଜୀବନ ବଞ୍ଚାଇଛନ୍ତି। ଏହା ଅନ୍ୟ ସମସ୍ତଙ୍କ ପାଇଁ ପ୍ରେରଣା ଦାୟକ। ପୂରା ଗୁଜରାଟ ତାଙ୍କ ଆଶୁ ଆରୋଗ୍ୟ କାମନା କରୁଛି। ପୂରା ଦେଶବାସୀଙ୍କ ପ୍ରାର୍ଥନା ଓ ସହାନୁଭୂତି କ୍ୟାପଟେନନ ମଚ୍ଛାରଙ୍କ ସହ ରହିଛି।" ଗୁଜରାଟର ରାଜକୋଟ ଅନ୍ତର୍ଗତ ଗୋଟିଏ ଗାଁର ମୂଳବାସିନ୍ଦା ମଚ୍ଛାର ପରିବାର ମୁମ୍ବାଇକୁ ଚାଲି ଯାଇଥିଲେ। ଘାଟକୋପାର ଉପକଣ୍ଠରେ ବଡ଼ ହୋଇଥିଲେ ସ୍ମିତ। ଏବେ ସେ ପରିବାର ସହ ଦୁବାଇରେ ରହୁଛନ୍ତି। ତାଙ୍କ ପତ୍ନୀ ସୋନାଲ ଆମରେଲି ଜିଲ୍ଲା ସବାରକୁଣ୍ଡଲାର ଝିଅ। ଏଥିପାଇଁ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଫଡନାଭିସ ତାଙ୍କୁ ମୁମ୍ବାଇର ପୁଅ କ୍ୟାପଟ୍ନେ ସ୍ମିତ ମଚ୍ଛାର ଓ ସେ ହିଁ ପ୍ରକୃତ ହିରୋ ବୋଲି କହିଛନ୍ତି। ଏବେ ସାଉଦିରୁ ଦୁବାଇକୁ ଚିକିତ୍ସା ପାଇଁ ଏୟାରଲିଫ୍ଟ ହୋଇଥିବା ମଚ୍ଛାରଙ୍କ ସେ ଆଶୁ ଆରୋଗ୍ୟ ମଧ୍ୟ କାମନା କରିଛନ୍ତି। ଏହାବାଦ ଶ୍ରୀ ସୋମନାଥ ଟ୍ରଷ୍ଟ ପକ୍ଷରୁ ସ୍ମିତଙ୍କ ଆଶୁ ଆରୋଗ୍ୟ ପାଇଁ ସ୍ୱତନ୍ତ୍ର ମହାପୂଜା ମଧ୍ୟ କରାଯାଇଛି। ଫ୍ଲାଏଦୁବାଇରକ୍ୟାପଟେନ ସ୍ମିତ ଦିନକ ତଳେ ଦୁବାଇରୁ ଇସ୍ରାଏଲକୁ ବିମାନ ଉଡ଼ାଣ କରିଥିଲେ। ବିମାନରେ ୧୭୪ ଜଣ ଯାତ୍ରୀ ଓ ୬ ଜଣ କ୍ରୁ ସଦସ୍ୟ ରହିଥିଲେ। ବିମାନଟି ପ୍ରାୟ ୩୪ ହଜାର ଫୁଟ ଉପରେ ଥିବା ବେଳେ କକପିଟ୍ ?ରେ ଥିବା ସହ ପାଇଲଟ୍ ?ହଠାତ ଧାରୁଆ ଅସ୍ତ୍ରରେ ସ୍ମିତଙ୍କୁ ଆକ୍ରମଣ କରିଥିଲେ। ଓମାନର ସହ ପାଇଲଟ୍ ବିମାନକୁ ହାଇଜାକ କରି ୯/୧୧ ଷ୍ଟାଇଲରେ ଆତଙ୍କବାଦୀ ହମଲା କରିବାକୁ ଚାହୁଁଥିଲେ। ହେଲେ ସ୍ମିତଙ୍କ ସାହାସ ଓ କିଛି ଯାତ୍ରୀଙ୍କ ସହାୟତା ଯୋଗୁ ବଡ଼ ଅଘଟଣ ଟଳିଥିଲା।

ସ୍ମିତଙ୍କ ବୀରତ୍ୱକୁ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ଠାରୁ ଆରମ୍ଭ କରି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଯାଏ ବିଶ୍ୱ ନେତାମାନେ ପ୍ରଶଂସା କରିଛନ୍ତି।

# ପରମ-ଈଶ୍ୱରୀ ଦେବୀ ଦୁର୍ଗା ବିଶ୍ୱର ସକଳ ବସ୍ତୁରେ ପରିବ୍ୟାପ୍ତ

ଡାକ୍ତର ପ୍ରଫୁଲ୍ଲ କୁମାର ଦାସ

ଜଗତଜନନୀ ମା'ଦୁର୍ଗା। ସେ ଶକ୍ତି ସ୍ୱରୂପା, ମାତୃ ସ୍ୱରୂପା। ଦୁଷ୍ଟ ଶକ୍ତିର ବିନାଶ ପାଇଁ ଯୁଗେ ଯୁଗେ ସେ ଅବିର୍ଭୁତା। ଏବେ ଧରାବତରଣ କରିଛନ୍ତି ମହାମାୟୀ ମା'। ତାଙ୍କ ଆଗମନରେ ପ୍ରକୃତି ହୋଇଉଠିଛି ଶାନ୍ତ, ସୌମ୍ୟ, ନିର୍ମଳ। ବିଛାଇ ହୋଇଛି କାଶତଣ୍ଡୀର ଶ୍ୱେତବର୍ଣ୍ଣ ଗାଲିଚା।

ମା'ଙ୍କ ଆଗମନରେ ଚଳଚଞ୍ଚଳ ହୋଇଉଠିଛି ଗାଁ ଠାରୁ ସହର। ସବୁଠି ଖେଳି ଯାଇଛି ପାର୍ବଣର ଅପୂର୍ବ ଦିବ୍ୟ ପରିବେଶ। ଅଭଦାୟିନୀ, ଶକ୍ତିସ୍ୱରୂପିଣୀ, ଜଗତଜନନୀ ମା' ଆସିଛନ୍ତି ଭକ୍ତଙ୍କୁ ଆଶିଷ ଦେବା ପାଇଁ। ସପ୍ତଶତୀ ଚଣ୍ଡୀପାଠ, ଧୂପ, ଦୀପ, ଘଣ୍ଟଘଣ୍ଟା ନାଦରେ ପ୍ରକମ୍ପିତ ହୋଇଉଠୁଛି ଗଗନପବନ। ମା'ସଂହାର କରିବେ ମହିଷାସୁର ରୂପୀ ସଂସାରର ସମସ୍ତ ପାପାଚାରକୁ। ଅଧର୍ମ ଉପରେ ଧର୍ମର ଜୟ ଅସତ୍ୟ ଉପରେ ସତ୍ୟର ଜୟ ପାଇଁ ମା'ଙ୍କ ଆବିର୍ଭାବ। ମା' ଆଦ୍ୟାଶକ୍ତିଙ୍କୁ ଉପାସନା କରିବାର ଧାରା ଓଡ଼ିଶାରେ କାହିଁ କେଉଁ କାଳରୁ ପ୍ରଚଳିତ। ସରଳ ଗ୍ରାମ୍ୟ ମଣିଷଟିଏ ହେଉ ବା ତନ୍ତ୍ର ସାଧନାରେ ନିମଗ୍ନ ସାଧକଟିଏ, ଶକ୍ତିଙ୍କ ବିନା କିଛି ସାଧ ହୋଇପାରେ ନାହିଁ। ଶକ୍ତି ବିନା ଶିବ ଅସମ୍ପୂର୍ଣ୍ଣ। ଶିବଙ୍କ ତ୍ରିଶୂଳ, ଶ୍ରୀବିଷ୍ଣୁଙ୍କ ସୁଦର୍ଶନ ଚକ୍ର ମଧ୍ୟ ଶକ୍ତି ସ୍ୱରୂପା।

ଶକ୍ତି ସ୍ୱରୂପିଣୀ ଆଦ୍ୟାଶକ୍ତିଙ୍କ ସ୍ୱରୂପ ଭିନ୍ନ ହେଲେ ମଧ୍ୟ ଭକ୍ତଙ୍କ ପାଇଁ ମା'ମମତାମୟୀ ଶାକ୍ତ ଉପାସନା କ୍ଷେତ୍ରରେ ଯାଜପୁରର ମା'ବିରଜା, ଶ୍ରୀକ୍ଷେତ୍ରର ମା'ବିମଳା, କାକଟପୁରର ମା'ମଙ୍ଗଳା, ତାଳଚେରର ମା'ହିଙ୍ଗୁଳା, ଝଙ୍କଡ଼ର ମା' ଶାରଳା, ସମ୍ବଲପୁରର ମା'ସମଲେଶ୍ୱରୀ, ପାଟଣାଗଡ଼ର ମା'ପାଟଣେଶ୍ୱରୀ, କଳାହାଣ୍ଡିର ମା' ମାଣିକେଶ୍ୱରୀ, ସୋନପୁରର ମା'ସୁରେଶ୍ୱରୀ, ବାଣପୁରର ମା'ଭଗବତୀ, ବାଙ୍କିର ମା' ଚର୍ଚ୍ଚିକା, କଟକରେ ମା' ଚଣ୍ଡୀ, ଗଞ୍ଜାମର ମା' ତାରାତାରିଣୀ, କୋଣାର୍କର ମା'ରାମଚଣ୍ଡୀ ହେଉଛନ୍ତି ପ୍ରସିଦ୍ଧ ଶକ୍ତିପୀଠ। ଓଡ଼ିଶାର ଆଠ ଗୋଟି ଶକ୍ତିପୀଠ ମୁଖ୍ୟ। ଏହି ପୀଠ ଗୁଡ଼ିକରେ ଚଣ୍ଡୀଙ୍କର ବିଗ୍ରହ ପୂଜା ପାଉଛନ୍ତି। ମାଙ୍କ ଉଦ୍ଦେଶ୍ୟରେ ରହିଥିବା ଅତ୍ୟନ୍ତ ଲୋକପ୍ରିୟ ଗୀତଟି ହେଉଛି 'ବାଣପୁରରେ ଭଗବତୀ ଶ୍ରୀକ୍ଷେତ୍ରେ ବିମଳା, କାକଟପୁରରେ ରହିଲୁ ନାମ ତୋ ମଙ୍ଗଳା। ଝଙ୍କଡ଼େ ଶାରଳା ନାମ, ଅଟଇ ତୋହର, ବିରଜାଇ ନାମେ ବିଜେ କରୁ ଯାଜପୁର। ବାଙ୍କିରେ ନାମ ତୋହର ଅଟେ ଚର୍ଚ୍ଚିକାଇ, ସମ୍ବଲପୁରରେ ନାମ ବହିଲୁ ସମଲାଇ। ତାଳଚେରରେ ହେଙ୍ଗୁଳା ନାମ ତୋର ମାଆ ଏହିଭଳି ଉତ୍କଳରେ ଶକ୍ତିପୀଠ ଆଠ ନାଆଁ।'

ଏହା ବ୍ୟତୀତ ସାରଳା ଦାସ ମଧ୍ୟ ଅଷ୍ଟତନ୍ତ୍ର ପୀଠ କଥା ଉଲ୍ଲେଖ କରିଛନ୍ତି – 'ଝଙ୍କଡ଼େ ରହିଲୁ ମା'ଗୋ ଶାରଳା ନାମବହି, କାକଟପୁରେ ରହିଲୁ ମା'ଗୋ ମଙ୍ଗଳା ବୋଲାଇ, କୋଣରକେ ରହିଲୁ ମା'ଗୋ ଅଭୟା ରାମଚଣ୍ଡୀ, ପୁରୁଷୋତ୍ତମେ ରହିଲୁ ମା'ଗୋ ବିମଳା ବୋଲାଇ, ବାଙ୍କିରେ ରହିଲୁ ମା'ଗୋ ଚର୍ଚ୍ଚିକା ନାମ ବହି। ଯାଜପୁରରେ ରହିଲୁ ବିରଜା, କାକଟପୁରରେ ମଙ୍ଗଳା, ପଶ୍ଚିମ ଦିଗେ ରହିଲୁ ବୋଲାଇ ହିଙ୍ଗୁଳା। ଭୁବନେଶ୍ୱରରେ ରହିଲୁ ନାମ ତୋ ଗଉରୀ।' ଓଡ଼ିଶାରେ ଶକ୍ତି ଉପାସନାର ପରମ୍ପରା ଅତ୍ୟନ୍ତ ପ୍ରାଚୀନ। ବସ୍ତୁତଃ ଓଡ଼ିଶାରେ ଶକ୍ତି ଉପାସନାର ପରମ୍ପରା ବହୁ ପ୍ରାଚୀନ ଓ ମହାନ। ରାଜ୍ୟର ପୁରପଲ୍ଲୀରେ ସର୍ବତ୍ର ଠାକୁରାଣୀ ବା ଗ୍ରାମଦେବୀ ବିରାଜମାନା। ଗ୍ରାମ ଓ ବସ୍ତିର ରକ୍ଷାକର୍ତ୍ତ୍ରୀ ରୂପେ ସେ ବିରାଜିତା ଓ ଆରାଧିତା। ପର୍ବପର୍ବାଣି, ବିବାହ ଉତ୍ସବ ସମେତ ସମସ୍ତ ପ୍ରକାର ଅନୁକୂଳବେଳେ ମା'ଙ୍କୁ ସ୍ମରଣ କରାଯାଏ। ସମଗ୍ର ଓଡ଼ିଶାରେ ହଜାରହଜାର ଦେବୀ ପୂଜା ପାଆନ୍ତି ଏବଂ ସବୁଠାରୁ ଆଶ୍ୱିନ ମହାପୂଜାରେ ଦେବୀ ଆରାଧିତା।

ବିବିଧ କାରଣରୁ ଦଶହରା ପର୍ବ ପାଳନ କରାଯାଉଥିବାରୁ ଏହା ଏକ ମହାନ ପାର୍ବଣରେ ପରିଣତ ହୋଇଅଛି। ଏହି ପର୍ବର ମହତ୍ୱ ବିଷୟରେ ଦେବୀ ପୁରାଣରେ କୁହାଯାଇଛି ଯେ ଏହା ଏକ ମହାନ, ପବିତ୍ର ବ୍ରତ ଏବଂ ଏହି ବ୍ରତ ପାଳନ କଲେ ସିଦ୍ଧି ଲାଭ ହୁଏ ଓ ଶତ୍ରୁମାନେ ପରାଜିତ ହୁଅନ୍ତି। କୁରୁକ୍ଷେତ୍ର ଯୁଦ୍ଧ ଆରମ୍ଭର ପ୍ରାକକାଳରେ ଶ୍ରୀକୃଷ୍ଣ ପାଣ୍ଡବ ମାନଙ୍କୁ ବନଦୁର୍ଗାଙ୍କର ଆରାଧନା କରିବା ପାଇଁ ଉପଦେଶ ଦେଇଥିଲେ। ଇତିହାସ ପ୍ରସିଦ୍ଧ ଛତ୍ରପତି ଶିବାଜୀ ମଧ୍ୟ ମୋଗଲ ମାନଙ୍କସହ ଯୁଦ୍ଧ କରିବା ସମୟରେ ଦୁର୍ଗାଙ୍କର ଉପାସନା କରିଥିଲେ। ଦଶହରା ପର୍ବରେ ଦେବୀଙ୍କ ଶକ୍ତିର ପ୍ରତିଷ୍ଠା ପାଇଁ ଖଡ଼ଗ ପୂଜା କରାଯାଏ।

ଦଶହରା ଦିନ ଗୁରୁବାର ପଡ଼ିଲେ ଗୃହିଣୀମାନେ ପରିବାରର ମଙ୍ଗଳ ଲାଗି ସୁଦଶାବ୍ରତ ପାଳନ କରି ଗୃହଲକ୍ଷ୍ମୀଙ୍କ ପୂଜା କରନ୍ତି। ଭାଦ୍ରବ ମାସ ଶୁକ୍ଳପକ୍ଷ ଷଷ୍ଠୀ ଠାରୁ ଆରମ୍ଭ ହୋଇଥିବା ସୋମନାଥ ବ୍ରତର ଉଦଯାପନ ପର୍ବ ମଧ୍ୟ ଦଶହରା ତିଥିରେ ପାଳିତ ହୁଏ। ପରମ-ଈଶ୍ୱରୀ ଦେବୀ ଦୁର୍ଗା ବିଶ୍ୱର ସକଳ ବସ୍ତୁରେ ପରିବ୍ୟାପ୍ତ। ସେ ମହାବିଦ୍ୟା, ମହାମାୟା ମହାଯୋଗେଶ୍ୱରୀ। ତାଙ୍କର 'କ୍ଷର' ବା ଶେଷ ନଥିବାରୁ ସେ 'ଅକ୍ଷ

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ
E-mail : drprafulldas007@gmail.com

# ମହାଳୟାର ମହାନତା ଓ ଦେବୀଙ୍କ ଷୋଡଶ ପୂଜା ଆରମ୍ଭ

ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଆଜି ମୂଳାଷ୍ଟମୀ ଶ୍ରୀମନ୍ଦିରରେ ଶ୍ରୀକ୍ଷେତ୍ରାଧିଶ୍ୱରୀ ମା'ବିମଳାଙ୍କ ଷୋଡ଼ଶ ଦିନାତ୍ମକ ପୂଜାର୍ଚ୍ଚନା ଅନୁଷ୍ଠିତ ହେବାର ବିଧି ରହିଛି। ଏହା ହେଉଛି ମାଆଙ୍କର ସହସ୍ର କୁମ୍ଭାଭିଶେକ ନୀତି। ଏହି ଅବସରରେ ବଡ଼ ଦେଉଳରେ ଅନୁଷ୍ଠିତ ହୋଇଥାଏ ଦୁର୍ଗାମାଧବ ଉପାସନା। ବିଧି ଅନୁଯାୟୀ ଦୁର୍ଗାମାଧବ ନାରାୟଣୀ ମନ୍ଦିରକୁ ବିଜେ କରନ୍ତି ଏହାକୁ ଶାକ୍ତ ଓ ଗୁପ୍ତ ଗୁଣ୍ଡିଚା ମଧ୍ୟ କୁହାଯାଇଥାଏ।

ଶ୍ରୀଜଗନ୍ନାଥଙ୍କ ସ୍ୱରୂପ ହେଉଛନ୍ତି ମାଧବ। ସର୍ବତ୍ର ଦୁର୍ଗାଙ୍କ ସହିତ ମହାଦେବଙ୍କ ଉପାସନାର ପରମ୍ପରା ରହିଛି ହେଲେ ଶ୍ରୀକ୍ଷେତ୍ରରେ ମାଧବଙ୍କ ସହିତ ଦୁର୍ଗାଙ୍କ ଉପାସନାର ପ୍ରଚଳନ ରହିଛି। ସୂଚନାଥାଉକି ଷୋଳପୂଜା ଅବସରରେ ମହିଳା ମାନଙ୍କୁ ମା ବିମଳାଙ୍କ ମନ୍ଦିର ଭିତରକୁ ଯିବା ମନା ଥାଏ। ଆଶ୍ୱିନ ମାସ କୃଷ୍ଣପକ୍ଷ ମୂଳାଷ୍ଟମୀ ଠାରୁ ଶୁକ୍ଳ ପକ୍ଷ ନବମୀ ପର୍ଯ୍ୟନ୍ତ ଶାରଦୀୟ ପୂଜା ଅନୁଷ୍ଠିତ ହୋଇଥାଏ। ପରମ୍ପରା ଅନୁଯାୟୀ ପୂଜା ଅବସରରେ ମହାପ୍ରଭୁଙ୍କ ସକାଳ ଧୂପ ବଢ଼ିବା ପରେ ଭଣ୍ଡାରରୁ ମା'ଦୁର୍ଗାଙ୍କ ସ୍ୱର୍ଣ୍ଣ ପ୍ରତିମା ଆଣି ରତ୍ନସିଂହାସନରେ ବିଜେ କରାଯାଏ। ମା' ସୁଭଦ୍ରାଙ୍କ ଆଜ୍ଞାମାଳ ମା' ଦୁର୍ଗାଙ୍କୁ ଲାଗି କରାଯିବ। ଦେବୀ ମାଜଣା ମଣ୍ଡପକୁ ବିଜେ ହୋଇ ଠାକୁରାଣୀଙ୍କ କୁମ୍ଭାଭିଷେକ ହେବ।

ମାଧବ ପ୍ରତିମୂର୍ତ୍ତିକୁ ବିଜେ କରାଯାଇ ଦୁର୍ଗାଙ୍କ ସହିତ ରୁନ୍ଧା ହୋଇ ଏକତ୍ର ଇନ୍ଦ୍ର ଆସନରେ ବିଜେ ହୁଅନ୍ତି। ପରେ ସୁସଜ୍ଜିତ ବିମାନରେ ଯାଇ ମା'ବିମଳାଙ୍କ ଠାକୁରାଣୀଙ୍କ ଜଗମୋହନରେ ବିଜେ ହୁଅନ୍ତି। ସ୍ୱତନ୍ତ୍ର ଭୋଗ ଅର୍ପଣ କରାଯାଇ ଆଳତୀ ଓ ବନ୍ଦାପନା ନୀତି ହୋଇଥାଏ। ଠାକୁରଙ୍କ ରାତି ଚନ୍ଦନ ଲାଗି ନୀତି ବଢ଼ିବା ପରେ ସେବାୟତମାନେ ଦୁର୍ଗା ମାଧବଙ୍କୁ ବିଜେ କରାଇ ଆଣି ଭଣ୍ଡାର ଘରେ ସ୍ଥାପନ କରନ୍ତି। ପରେ ମହସପ୍ତମୀ, ମହାଅଷ୍ଟମୀ, ମହାନବମୀ ପୂଜା ଅନୁଷ୍ଠିତ ହୋଇଥାଏ। ଷୋଳପୂଜାର ନବମୀ ଦିନ ଦୁର୍ଗା ମାଧବଙ୍କୁ ରଥାକୃତି ବିମାନରେ ନେଇ ଶ୍ରୀମନ୍ଦିର ସମ୍ମୁଖ ଦୋଳ ମଣ୍ଡପ ସାହିସ୍ଥିତ ନାରାୟଣୀଙ୍କ ମନ୍ଦିରରେ ବିଜେ କରାଯିବାର ପରମ୍ପରା ରହିଛି। ସ୍ୱତ୍ତ୍ୱଲିପିର ତଥ୍ୟ ମୁତାବକ ସେଠାରେ ଯଥାବିଧି ପୂଜା ସମ୍ପନ୍ନ ପରେ ଠାକୁର ଠାକୁରାଣୀ ଶ୍ରୀମନ୍ଦିରକୁ ଫେରି ଭଣ୍ଡାର ଘରେ ବିରାଜମାନ କରନ୍ତି।

ମା'ବିମଳାଙ୍କ ମୁଖ୍ୟ ପୂଜା ଶୁଦ୍ଧ ସାତ୍ୱିକ ଅଟେ। ମାତ୍ର ମହାସପ୍ତମୀ, ମହାଅଷ୍ଟମୀ ଓ ନବମୀରେ ଶ୍ରୀଜଗନ୍ନାଥଙ୍କ ପହୁଡ଼ ପରେ ଦେବୀ ପୀଠରେ ବଳି କ୍ରିୟ ସମ୍ପାଦିତ ହେବାର ବିଧି ରହିଛି। ଷୋଳପୂଜାରେ ମାଙ୍କର ବିଭିନ୍ନ ବେଶ ହୋଇଥାଏ। ଶ୍ରୀମନ୍ଦିର ପରମ୍ପରା ଅନୁସାରେ ଶ୍ରୀନଅରରେ ଶ୍ରୋତ୍ରୀୟ ବ୍ରାହ୍ମଣମାନେ ବରଣ ହେବା ପରେ ଦେବୀପୀଠରେ ପୂଜା ଅର୍ଚ୍ଚନା କରିଥାନ୍ତି।

ପୁରାଣର କାହାଣୀ ଅନୁଯାୟୀ ମନୁସ୍ମୃତି ବ୍ରହ୍ମ ବୈବର୍ତ୍ତ ପୁରାଣ ଓ ଗରୁଡ଼ ପୁରାଣ ପରି ପ୍ରମୁଖ ଶାସ୍ତ୍ର ଅନୁଯାୟୀ ପରଲୋକଗତ ବ୍ୟକ୍ତିଙ୍କ ପରିବାରରେ ଜ୍ୟେଷ୍ଠପୁତ୍ର ବା କନିଷ୍ଠପୁତ୍ର ଶ୍ରାଦ୍ଧ ଦେଇପାରିବେ । ପୁତ୍ର ନଥିଲେ ଭଣଜା, ପୁତୁରା, ନାତି ବା ଶିଷ୍ୟ ତିଳତର୍ପଣ ଓ ପିଣ୍ଡ ଦାନ କରିପାରିବେ । ଏପରି ଅନେକ ବ୍ୟକ୍ତି ଯେଉଁମାନେ ସନ୍ତାନହୀନ ଥାଆନ୍ତି ସେପରି ପୂର୍ବଜଙ୍କ ପାଇଁ ଭାଇ, ଭଣଜା, ପୁତୁରା ବା ପରିବାରର ପୁରୁଷ ସଦସ୍ୟ ପିତୃପକ୍ଷରେ ବ୍ରତ ରଖି ପିଣ୍ଡଦାନ କରିପାରିବେ । ଧର୍ମସିନ୍ଧୁ ସମତେ ମନୁସ୍ମୃତି ବା ଗରୁଡ଼ ପୁରାଣରେ ମହିଳାମାନେ ପିଣ୍ଡ ଦାନ କରିପାରିବେ ବୋଲି କୁହାଯାଇଛି ମାତ୍ର ଏହା ଅନ୍ତିମ ବିକଳ୍ପ । ବିଧବା ପତ୍ନୀ ସନ୍ତାନହୀନ ଥିଲେ ପତିଙ୍କ ନାମରେ ଶ୍ରାଦ୍ଧ ସଂକଳ୍ପ ରଖି ବ୍ରାହ୍ମଣଙ୍କ ଦ୍ୱାରା ପିଣ୍ଡଦାନ କରାଇପାରିବେ ସେମିତି ଯେଉଁ ପୂର୍ବଜଙ୍କ ବଂଶରେ କେବଳ ଝିଅ ଅଛନ୍ତି ସେମାନେ ମଧ୍ୟ ସଂକଳ୍ପ କରି ବ୍ରାହ୍ମଣ ଦ୍ୱାରା ପିଣ୍ଡଦାନ କରାଇପାରିବେ । ଧର୍ମଶାସ୍ତ୍ରରେ କୁହାଯାଇଛି, ପିତୃପୁରୁଷକୁ ପିଣ୍ଡଦାନ କରୁଥିବା ପୁରୁଷ ଦୀର୍ଘାୟୁ ହେବା ସହ ସନ୍ତାନ, ଯଶ, ଶାନ୍ତି, ବଳ, ଲକ୍ଷ୍ମୀ, ଗୋଧନ ଆଦି ପ୍ରାପ୍ତି କରନ୍ତି । ପିତୃପୁରୁଷଙ୍କ ଆଶାଥାଏ ଆମର ପୁଅ ନାତି ଆମକୁ ପିଣ୍ଡଦାନ କରି ସନ୍ତୁଷ୍ଟ କରିବେ । ଏହି ଆଶାରେ ସେମାନେ ପିତୃଲୋକରୁ ପୃଥିବୀଲୋକକୁ ଆସନ୍ତି । ତେଣୁ ପ୍ରତ୍ୟେକ ହିନ୍ଦୁ ଗୃହସ୍ଥ ପିତୃପକ୍ଷରେ ଶ୍ରାଦ୍ଧ କରନ୍ତି । ପ୍ରତ୍ୟେକ ଧର୍ମର ଆଧାର ଶ୍ରଦ୍ଧା । ପ୍ରତି ଧର୍ମରେ ପିତୃପୁରୁଷଙ୍କ ପ୍ରତି ସମ୍ମାନ ଏବଂ ଶ୍ରଦ୍ଧାକୁ ଗୁରୁତ୍ୱ ଦିଆଯାଏ ।

ସନାତନ ଧର୍ମରେ ଶ୍ରଦ୍ଧା ପ୍ରକଟ କରିବାର ଧାର୍ମିକ କର୍ମ ଶ୍ରାଦ୍ଧ । ଶ୍ରାଦ୍ଧକୁ ପିତୃଯଜ୍ଞ ମଧ୍ୟ କୁହାଯାଏ । ଶାସ୍ତ୍ରରେ ଆଶ୍ୱୀନ ମାସ ପ୍ରତିପଦା ଠାରୁ ଆରମ୍ଭ କରି ଅମାବାସ୍ୟା ପର୍ଯ୍ୟନ୍ତ ଭିନ୍ନ ଭିନ୍ନ ଦିନରେ ପିଣ୍ଡଦାନ କରିବାର ଭିନ୍ନ ଭିନ୍ନ ଫଳ ମିଳିଥାଏ। ଏହାକୁ ମହାଳୟା ଶ୍ରାଦ୍ଧ ମଧ୍ୟ କୁହାଯାଏ । 'ମହ'ର ଅର୍ଥ ଉତ୍ସବର ଦିନ ଏବଂ 'ଆଳୟ'ର ଅର୍ଥ ନିବାସ, ଅର୍ଥାତ କୃଷ୍ଣପକ୍ଷ ହିଁ ପୂର୍ବଜଙ୍କ ନିବାସ । ତେଣୁ ସେମାନଙ୍କ ତୃପ୍ତି ପାଇଁ ଶ୍ରାଦ୍ଧ କରାଯାଏ ।

ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ତେଲ, କୁଶ ତଥା ଜଳ ଅର୍ପଣ ସହ ଦାନ ଧର୍ମକୁ ପୁରାଣ କଥାରେ ଶ୍ରାଦ୍ଧ କୁହାଯାଏ । କଥା ହେଉଛି ପିତୃପୁରୁଷଙ୍କ ପ୍ରତି ଶ୍ରଦ୍ଧା ହିଁ ଶ୍ରାଦ୍ଧର ମୁଖ୍ୟଭାବ । ଅର୍ଥାତ୍ ଶ୍ରାଦ୍ଧ ହେଉଛି ନିଜ ପୂର୍ବପୁରୁଷଙ୍କ ପ୍ରତି ଶ୍ରଦ୍ଧା ସୃଷ୍ଟି କରିବା। ଏହି ପିତୃପକ୍ଷ ସମୟରେ କୌଣସି ମାଙ୍ଗଳିକ କାର୍ଯ୍ୟର ବିଧାନ



ନଥାଏ । ଏପରିକି ଏହି ସମୟରେ ନୂଆ ଆସବାସ ପତ୍ର ସହ କୌଣସି ସ୍ଥାବର ଓ ଅସ୍ଥାବର ସମ୍ପତ୍ତି କିଣନ୍ତି ନାହିଁ । ଲୋକବିଶ୍ୱାସ ରହିଛି ଯେ ଏହା ହେଉଛି ଏକ ଶୋକର ସମୟ ବା ଅଶୁଭ ସମୟ।

କିନ୍ତୁ ବିଦ୍ୱାନ ମାନଙ୍କ ମତ ଭିନ୍ନ । ସେମାନଙ୍କ କହିବା ଅନୁଯାୟୀ ପିତୃପକ୍ଷରେ ଅନ୍ୟ ଶୁଭ ଦିନ ପରି ସବୁ କାମ କରିହେବ ବରଂ ପିତୃପକ୍ଷରେ ନିଜର ପରଲୋକଗତ ବଂଶଜଙ୍କ ଦିବ୍ୟାଶୀର୍ବାଦ ରହୁଥିବାରୁ ଏହି ଦିନ ଅନ୍ୟ ଦିନ ତୁଳନାରେ ଅଧିକ ଶୁଭ ।

ଶାସ୍ତ୍ର ବିଧାନକୁ ଉଲ୍ଲେଖ କରି ସେମାନେ କୁହନ୍ତି ଯେ ଯଦି ସଠିକ୍ ଭାବରେ ଅର୍ପଣ, ତର୍ପଣ ସହ ପୂଜା ନୈବେଦ୍ୟ ସମର୍ପିତ ହୋଇଥାଏ ତେବେ ଏହାର ଫଳ ମିଳିଥାଏ। ଶ୍ରାଦ୍ଧର ମହତ୍ତ୍ୱକୁ ବୁଝିବା ପାଇଁ ଆମ୍ଭମାନଙ୍କୁ ଭାରତୀୟ ଉତ୍ସବର ପ୍ରାଚୀନ ପରମ୍ପରାକୁ ବୁଝିବାକୁ ହୋଇଥାଏ ।

କଟକ
ମୋ : ୯୪୩୭୦୫୧୯୫୭

## ଅଲେଖ ଚନ୍ଦ୍ର ସାମଲ

ପିତୃପକ୍ଷର ଅନ୍ତ ସହିତ ଦେବୀ ପକ୍ଷର ଆରମ୍ଭର ଅତିବ ଶୁଭଦିନ ହେଉଛି ଆଶ୍ୱିନ ଅମାବାସ୍ୟା ବା ମହାଳୟା। ମହାଳୟା ଏକ ସଂସ୍କୃତ ଶବ୍ଦ, ଯାହା ମହା ଏବଂ ଆଳୟକୁ ନେଇ ଗଠିତ। ଅର୍ଥାତ୍ ମହାନ ନିବାସସ୍ଥଳ ବା ଦେବୀଙ୍କ ନିବାସ ସ୍ଥଳ। ପିତୃପକ୍ଷରେ ହିନ୍ଦୁମାନେ ନିଜର ପିତୃପୁରୁଷଙ୍କ ମୋକ୍ଷ ଲାଗି ଘରେ ଘରେ ପୂଜା, ତର୍ପଣ କରୁଥିଲେ। ମହାଳୟା ସେମାନଙ୍କୁ ବିଦାୟ ଦିଆଯିବାର ଅବସର। ମହାଳୟା ପିତୃ ଅମାବାସ୍ୟା ନାମରେ ମଧ୍ୟ ପରିଚିତ। ମହାଳୟା ଦିନ ପୂଜା, ତର୍ପଣ, ପିଣ୍ଡଦାନ ସହ ପିତୃପୁରୁଷଙ୍କୁ ସନ୍ତୁଷ୍ଟ କରାଯାଏ। ଏହାଦ୍ୱାରା ପିତୃପୁରୁଷଙ୍କ କଲ୍ୟାଣ ପ୍ରାପ୍ତ ହୁଏ। ମହାଳୟାରେ ବ୍ରାହ୍ମଣଙ୍କୁ ଭୋଜନ ତଥା ଦାନ ଦିଆଯିବା ସହିତ ଗୋରୁଗାଈ, କାଉ, କୁକୁର, ଇତ୍ୟାଦିଙ୍କୁ ଖାଦ୍ୟ ଦେଇ ଜୀବଜଗତକୁ ତୁଷ୍ଟ କରିବାର ଅନନ୍ୟ ପରମ୍ପରା ରହିଛି।

ବ୍ୟାସଦେବକୃତ ମହାଭାରତ ଅନୁସାରେ ଆଶ୍ୱିନୀ କୃଷ୍ଣ ଅଷ୍ଟମୀ ଅଥବା କାର୍ତ୍ତିକ କୃଷ୍ଣ ଅଷ୍ଟମୀ ହେଉଛି ଦୁର୍ଗାପୂଜାର ସମୟ। ପିତାମହ ଭୀଷ୍ମ ଯୁଧିଷ୍ଠିରଙ୍କୁ ଏ ସଂପର୍କରେ ଉପଦେଶ ଦେଇ କହିଛନ୍ତି ହେ ଯଧିଷ୍ଠିର, ଏହିପରି ପ୍ରତିବର୍ଷ ଦୁର୍ଗାପୂଜା କରିବ। ଏ ସଂପର୍କରେ ନିର୍ଦ୍ଦିଷ୍ଟ ଭାବରେ କୁହାଯାଇଛି ଯେବେ ସୂର୍ଯ୍ୟ ସପ୍ତମୀ ତିଥିରେ ଉଦୟ ହୁଅନ୍ତି ଏବଂ ପରେ ଅଷ୍ଟମୀ ତିଥି ପଡ଼େ, ତେବେ ସେହିଦିନ ଦୁର୍ଗପୂଜା କରିବା ବିଧେୟ। ନବମୀବିଦ୍ଧା ଅଷ୍ଟମୀ ତିଥିରେ ଦୁର୍ଗାପୂଜା କରିବା ବିଧେୟ ନୁହେଁ। ଏହି ଅନୁସାରେ ଆଶ୍ୱିନ କୃଷ୍ଣ ଅଷ୍ଟମୀ ବା ମୂଳାଷ୍ଟମୀର ଆଶ୍ୱିନ ଶୁକ୍ଳ ଅଷ୍ଟମୀ ବା ମହାଷ୍ଟମୀ ପର୍ଯ୍ୟନ୍ତ ଦୁର୍ଗାପୂଜା କରାଯାଇଥାଏ। ଏହା ଷୋଡ଼ଶ ଦିବସ ବ୍ୟାପୀ ଦୁର୍ଗାପୂଜା। ଏହା ବ୍ୟତୀତ ନଅଦିନ, ପାଞ୍ଚଦିନ, ତିନିଦିନ, ଦୁଇ ଦିନ ଓ ଏକ ଦିନ ଦୁର୍ଗାପୂଜା ମଧ୍ୟ ହୋଇଥାଏ। ମାତ୍ର ଷୋଡ଼ଶ ଦିବସବ୍ୟାପୀ ଦୁର୍ଗାପୂଜା ସେ ସବୁ ମଧ୍ୟରେ ଶ୍ରେଷ୍ଠ। ଦେବୀପୀଠ ମାନଙ୍କରେ ବିଧିମତେ ଦୁର୍ଗୋତ୍ସବ ପାଳିତ ହେବା ସହିତ, ଏହି ଅବଧି ମଧ୍ୟରେ ଦେବୀଙ୍କର ବିଭିନ୍ନ ବେଶ ସଂପନ୍ନ ହୋଇଥାଏ। ଏହାର କିନ୍ତୁ ନିର୍ଦ୍ଧାରିତ ନିୟମ ନାହିଁ। ଏଣୁ ପରମ୍ପରା ଅନୁସାରେ ବା ପ୍ରଚଳିତ ବ୍ୟବସ୍ଥା ଅନୁଯାୟୀ ବିଭିନ୍ନ ଦେବୀପୀଠରେ ଏହି ବେଶରେ ସଂଖ୍ୟା ଓ ପ୍ରକାର ଭିନ୍ନ ଭିନ୍ନ ହୋଇଥାଏ। ମୂଳାଷ୍ଟମୀରୁ ମହାଷ୍ଟମୀ – ଷୋହଳ ଦିନରେ ଷୋହଳ ପ୍ରକାରର ବେଶ ହେଉଥିବା ଦେବୀ ମାନଙ୍କ ମଧ୍ୟରେ କଟକ ଚଣ୍ଡୀ ଓ କଟକର ଗଡ଼ଚଣ୍ଡୀ ପ୍ରସିଦ୍ଧ। ଏହି ଷୋହଳ ଦିନ ମଧ୍ୟରୁ ପ୍ରଥମ ଆଠଦିନ ଯଥାକ୍ରମେ କଟକ ଚଣ୍ଡୀଙ୍କର ସୁନାବେଶ, ଭୁବନେଶ୍ୱରୀ ବେଶ, ଉଗ୍ରତାର ବେଶ, ତ୍ରିପୁର ଭୈରବୀ ବେଶ, ସିଦ୍ଧେଶ୍ୱରୀ ବେଶ, ନାରାୟଣୀ ବେଶ, ରାଜରାଜେଶ୍ୱରୀ ବେଶ ଓ ମାତଙ୍ଗୀ ବେଶ ହେବା ପରେ, ଶୁକ୍ଳ ପ୍ରତିପଦା ଦିନ ଜଗଦ୍ଧାତ୍ରୀ ବେଶ ହୋଇଥାଏ। ଏହା ନବଦିନ ବ୍ୟାପୀ ଦୁର୍ଗାପୂଜା ବା ନବରାତ୍ରର ପ୍ରଥମ ଦିନ। ଏହାପରେ ଦ୍ୱିତୀୟା ଠାରୁ ମହାଷ୍ଟମୀ ପର୍ଯ୍ୟନ୍ତ ସାତଦିନ ଯଥାକ୍ରମେ ତାଙ୍କର ଜୟଦୁର୍ଗା ବେଶ, ଷୋଡ଼ଶୀ ବେଶ, ହରଚଣ୍ଡୀ ବେଶ, ବନଦୁର୍ଗା ବେଶ, ଗାୟତ୍ରୀ ବେଶ, ବଗଳାମୁଖୀ ବେଶ ଓ ମହାକାଳୀ ବେଶ ହୋଇଥାଏ। ମହାଷ୍ଟମୀର ମହାକାଳୀ ବେଶ ପରେ ମହାନବମୀ ଦିନ ମହାଲକ୍ଷ୍ମୀ ବେଶ, ବିଶ୍ରାମଦିନ ମହାସରସ୍ୱତୀ ବେଶ ଏବଂ ବିଜୟା ଦଶମୀରେ ଦେବୀଙ୍କର ମହିଷମର୍ଦ୍ଦିନୀ ବେଶ ହୋଇଥାଏ। ଯାଜପୁରର ମା'ବିରଜା ଓ ଶ୍ରୀକ୍ଷେତ୍ର ପୁରୀର ମା'ବିମଳା ଓଡ଼ିଶାର ଦୁଇ ପ୍ରାଚୀନ ଦେବୀ। ଦେବୀ ବିମଳାଙ୍କ ପୀଠରେ ଏହି ଷୋହଳ ଦିନ ମଧ୍ୟରେ ଦେବୀଙ୍କର ୧୧ଟି ବେଶ ହୋଇଥାଏ। ସେହି ବେଶ ଗୁଡ଼ିକ ହେଉଛି ବନଦୁର୍ଗା, ଭୁବନେଶ୍ୱରୀ, ନାରାୟଣୀ, ବଗଳାମୁଖୀ, ଜୟଦୁର୍ଗା, ଉଗ୍ରତାରା, ମାତଙ୍ଗିନୀ, ଦଶଭୁଜା, ରାଜରାଜେଶ୍ୱରୀ, ହରଚଣ୍ଡୀ ଓ ସିଂହବାହିନୀ। କିନ୍ତୁ ଓଡ଼ିଶାର ଅନ୍ୟ ଏକ ପ୍ରାଚୀନ ପୀଠ, ପଶ୍ଚିମ ଓଡ଼ିଶାରେ ମା' ସମଲେଶ୍ୱରୀଙ୍କର ଷୋହଳ ପୂଜାରେ କିଛି ବର୍ଷ ପୂର୍ବେ ବିବିଧ ବେଶ ହେଉଥିବାବେଳେ ପ୍ରାଚୀନ ବିଧି ଅନୁସାରେ ଏବେ କେବଳ ମହାଳୟା ଦିନ ମା'ଙ୍କର ଧବଳମୁଖୀ ବେଶ ହେଉଛି। ମୂଳାଷ୍ଟମୀ ଦିନ ପୂଜା ଆରମ୍ଭ ହୋଇ ମହାଳୟା ଦିନ ଏହି ବେଶ ହେବା ପରେ ନବରାତ୍ର ଆରମ୍ଭରେ ନବରାତ୍ର ପ୍ରଦୀପ ପ୍ରଜ୍ଜ୍ୱାଳନ ଓ ମହାସପ୍ତମୀ ଦିନ ତ୍ରିଦିନାତ୍ମକ ପ୍ରଦୀପ ପ୍ରଜ୍ଜ୍ୱାଳନ କରାଯାଇ, ଦଶହରା ଦିନ ପ୍ରଦୀପ ବିସର୍ଜନ କରାଯାଉଛି। କିନ୍ତୁ ଓଡ଼ିଶାର ସୁପ୍ରାଚୀନ ଦେବୀପୀଠ ବିରଜାଙ୍କ ଷୋଳପୂଜାର ବିଧି ଭିନ୍ନ। ଏହି ଦେବୀଙ୍କର ଷୋହଳ ପୂଜା ଅବସରରେ ବିଭିନ୍ନ ଦିନରେ ଦେବୀଙ୍କର ଭିନ୍ନ ଭିନ୍ନ ବେଶ ନ ହୋଇ, ଭିନ୍ନ ମନ୍ତ୍ରରେ ଦେବୀ ପୂଜିତା ହୋଇଥାନ୍ତି।

ପୂର୍ବତନ ଡିଏଫଓ, ପଳାଇ, ବାଲିଚନ୍ଦ୍ରପୁର, ଯାଜପୁର
ମୋ : ୯୪୩୭୨୫୭୧୨୩

# ନିର୍ବାଚନ କମିଶନ ଭିତରେ ମତଭେଦ !

ଅସିତ ମହାନ୍ତି

ସେପ୍ଟେମ୍ବର ୨୩ ଏବଂ ୨୪ ତାରିଖରେ ଇଣ୍ଡିଆନ୍ ଏକ୍ସପ୍ରେସରେ ପ୍ରକାଶିତ ରିପୋର୍ଟଗୁଡ଼ିକ ପଢିବା ପରେ, ପ୍ରଥମ ପ୍ରଶ୍ନ ଉଠେ: ଯଦି ନିର୍ବାଚନ କମିଶନର ତିନି ଜଣ କମିଶନରଙ୍କ ମଧ୍ୟରୁ ଦୁଇଜଣ ଭୋଟର ତାଲିକା ଏବଂ ଏହାର ସଫ୍ଟୱେର୍ ସମ୍ପର୍କିତ ନିଷ୍ପତ୍ତି ଉପରେ ଲିଖିତ ଆପତ୍ତି ଦାଖଲ କରୁଛନ୍ତି, ତେବେ କମିଶନ କିପରି ଜନସାଧାରଣଙ୍କୁ ସମ୍ପୂର୍ଣ୍ଣ ପ୍ରକ୍ରିୟା ସ୍ୱଚ୍ଛ ବୋଲି ନିଶ୍ଚିତ କରିପାରିବେ ?

ରିପୋର୍ଟ ଅନୁଯାୟୀ, ନିର୍ବାଚନ କମିଶନର ସୁଖବୀର ସିଂହ ସାନ୍ଧୁ ଏବଂ ବିବେକ ଜୋଶୀ ଗତ ଦଶ ମାସରେ ଅତି କମରେ ୧୪ ଥର ରେକର୍ଡରେ ଆପତ୍ତି ଉଠାଇଛନ୍ତି। ସେମାନେ କହିଛନ୍ତି ଯେ କିଛି ନିର୍ଦ୍ଦେଶ ଏବଂ ନିଷ୍ପତ୍ତି ସେମାନଙ୍କ ଅଜାଣତରେ କିମ୍ବା କମିଶନର ଆବଶ୍ୟକୀୟ ଅନୁମୋଦନ ବିନା ଜାରି କରାଯାଇଥିଲା। ଏହି ଆପତ୍ତିଗୁଡ଼ିକ କେବଳ ସାଧାରଣ ସରକାରୀ କାର୍ଯ୍ୟ ସହିତ ଜଡିତ ନଥିଲା। ସେମାନେ ନୂତନ ଭୋଟର ଯୋଡିବା, ପୂର୍ବରୁ ଥିବା ନାମକୁ ବିଲୋପ କିମ୍ବା ପୁନଃସ୍ଥାପନ କରିବା,(ଏସ୍ଆଇଆର) ଆବେଦନ ଏବଂ ଭୋଟର ତାଲିକା ସଫ୍ଟୱେର୍ ଉପରେ ନିୟନ୍ତ୍ରଣ ସହିତ ଜଡିତ ଥିଲେ। ରିପୋର୍ଟ ଅନୁଯାୟୀ, ଆପତ୍ତିଗୁଡ଼ିକର କପି ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ନିକଟକୁ ମଧ୍ୟ ପଠାଯାଇଥିଲା।

ଏକ ଉଦାହରଣ ହେଉଛି ଫର୍ମ ୬, ଯାହାକୁ ନୂତନ ଭୋଟର ହେବା ପାଇଁ ପୂରଣ କରିବାକୁ ପଡିବ। କମିଶନର ପୋର୍ଟାଲରେ, ଆବେଦନକାରୀ, ସେମାନଙ୍କ ପିତାମାତା କିମ୍ବା ଜେଜେମାତାଙ୍କୁ ପୂର୍ବ ଏସଆଇଆର ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଥିଲା କି ନାହିଁ ପଚରାଯାଉଥିବା ଏକ ପ୍ରଶ୍ନ ଯୋଡା ଯାଇଥିଲା। ପ୍ରଶ୍ନଟି ବାଧ୍ୟତାମୂଳକ ନଥିଲା, କିନ୍ତୁ ଏହାର ଉତ୍ତର ନ ଦେଇ, ଅନଲାଇନ୍ ଆବେଦନ ଆଗକୁ ବଢ଼ିପାରିବ ନାହିଁ। ୧୬ ମଇରେ, ବିବେକ ଜୋଶୀ ଫାଇଲରେ ଲେଖିଥିଲେ ଯେ ୧୯୬୦ ନିୟମ ସଂଶୋଧନ ନକରି ଆଇନ ଦ୍ୱାରା ନିର୍ଦ୍ଧାରିତ ଫର୍ମକୁ ଏହି ଉପାୟରେ ପରିବର୍ତ୍ତନ କରାଯାଇପାରିବ ନାହିଁ। ୧୯ ମଇରେ, ସାନ୍ଧୁ ତାଙ୍କ ସହିତ ସହମତ ହୋଇଥିଲେ। ଏହା ସତ୍ତ୍ୱେ, ପରିବର୍ତ୍ତନ କାର୍ଯ୍ୟକାରୀ ହୋଇଥିଲା। ୧୩ ଅଗଷ୍ଟରେ, ସାନ୍ଧୁ ଏହାକୁ 'ଅନଧିକୃତ' ଏବଂ 'ଅବୈଧ' ବୋଲି କହିଥିଲେ, ଏହାକୁ ତୁରନ୍ତ ହଟାଇବା ପାଇଁ ଆହ୍ୱାନ କରିଥିଲେ ଯାହା ଦ୍ୱାରା ପ୍ରଥମ ଥର ପାଇଁ ଯୁବ ଭୋଟରମାନଙ୍କୁ ଅସୁବିଧା ନହୁଏ। ଏହା କମିଶନରମାନଙ୍କ ଦ୍ୱାରା ଦାଖଲ କରାଯାଇଥିବା ଏକ ଆଇନଗତ ଆପତ୍ତି ଥିଲା; ଚୂଡ଼ାନ୍ତ କୋର୍ଟ ନିର୍ଣ୍ଣୟ ନୁହେଁ। ତଥାପି, କମିଶନ ଏହାର ଏକ ସାର୍ବଜନୀନ, ସ୍ପଷ୍ଟ ଉତ୍ତର ପ୍ରଦାନ କରିବା ଆବଶ୍ୟକ।

ଆଉ ଏକ ଗମ୍ଭୀର ପ୍ରସଙ୍ଗ ହେଉଛି: ଶେଷରେ ଭୋଟର ତାଲିକା କିଏ ନିୟନ୍ତ୍ରଣ କରେ ? ଆଇନ ସ୍ଥାନୀୟ ନିର୍ବାଚନ ପଞ୍ଜିକରଣ ଅଧିକାରୀ ବା ରଜଙ୍ଗ କୁ ତାଲିକା ପ୍ରସ୍ତୁତ କରିବା ଏବଂ ଦାବି ଏବଂ ଆପତ୍ତିଗୁଡ଼ିକର ବିଚାର କରିବାର ଦାୟିତ୍ୱ ଦିଏ। ତଥାପି, ଉଭୟ କମିଶନର ଚିନ୍ତା ପ୍ରକାଶ କରିଥିଲେ ଯେ ରଜଙଘରସ୍ୱ ଏବଂ ରଉଓଘରସ୍ୱ ରେ ଅଧିକାର ଧୀରେ ଧୀରେ ଦିଲ୍ଲୀ ସ୍ଥିତ ଓଞ୍ଚ ବିଭାଗକୁ ସ୍ଥାନାନ୍ତରିତ ହେଉଛି। ମେ ମାସରେ, ଜୋଶୀ ଏକ ଅଡିଟ୍ ପ୍ରସ୍ତାବ ଦେଇଥିଲେ ଯାହା ଦ୍ୱାରା ଏହା ନିର୍ଣ୍ଣୟ କରାଯାଇପାରିବ ଯେ ସାମ୍ବିଧାନିକ ଅଧିକାରୀମାନଙ୍କ ବ୍ୟତୀତ ଅନ୍ୟ କାହାର ଭୋଟର ଡାଟାବେସ୍ ପରିବର୍ତ୍ତନ କରିବାର ଆକ୍ସେସ୍ ଅଛି କି ନାହିଁ। ଅଗଷ୍ଟ ମାସରେ, ସାନ୍ଧୁ ରିପୋର୍ଟ କରିଥିଲେ ଯେ ରାଜ୍ୟ ଏବଂ ଜିଲ୍ଲାସ୍ତରୀୟ ଅଧିକାରୀମାନେ ପୋର୍ଟାଲ୍ ଆକ୍ସେସ୍ କରିବା ପାଇଁ ସମ୍ପୂର୍ଣ୍ଣ ଭାବରେ ଅଧିକାରପ୍ରାପ୍ତ ନଥିଲେ, ଯାହା ସେମାନଙ୍କୁ ସେମାନଙ୍କର ସାମ୍ବିଧାନିକ କର୍ତ୍ତବ୍ୟ ପାଳନ କରିବାରୁ ବାଧା ଦେଉଥିଲା।

ମାମଲା ଏପରି ବୃଦ୍ଧି ପାଇଲା ଯେ ଜୁଲାଇ ମାସରେ, ଆଇଟି ବିଭାଗ ତଦାରଖ ସହିତ ଜଡିତ କର୍ତ୍ତବ୍ୟ ବିଭାଜନ ପରିବର୍ତ୍ତନ ହେବା ପରେ ଦୁଇ କମିଶନର ପୃଥକ ଭାବରେ କ୍ୟାବିନେଟ୍ ସଚିବଙ୍କୁ ଚିଠି ଲେଖିଥିଲେ। ପରଦିନ, ସେମାନେ ମିଳିତ ଭାବରେ ସେହି ଆଦେଶକୁ ପାଶୋରି ଦେଲେ ଏବଂ ପୁରୁଣା ବ୍ୟବସ୍ଥା ଜାରି ରଖିବାକୁ ନିର୍ଦ୍ଦେଶ ଦେଲେ। ଦେଶର ନିର୍ବାଚନରେ ସ୍ୱାଧୀନ ନିଷ୍ପତ୍ତି ନେବା ପାଇଁ ଏକ ପ୍ରତିଷ୍ଠାନ ମଧ୍ୟରେ କର୍ତ୍ତୃତ୍ୱ ଏବଂ ଦାୟିତ୍ୱ ଉପରେ ଏପରି ଲିଖିତ ବିବାଦକୁ କିପରି ହାଲୁକା ଭାବରେ ନିଆଯାଇପାରିବ ?

ଆଜିର ରିପୋର୍ଟ ଏହି ବିବାଦକୁ ଗୋଆର ୯୭ ଜଣ ପ୍ରକୃତ ଭୋଟରଙ୍କ କାହାଣୀ ସହିତ ଯୋଡିଛି। ସ୍ଥାନୀୟ ଇଆରଓ, ଡକ୍ୟୁମେଣ୍ଟ ଏବଂ ଆପତ୍ତି ସମୀକ୍ଷା କରିବା ପରେ, ଏହି ଲୋକଙ୍କୁ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରିବା ପାଇଁ ଯୋଗ୍ୟ ବୋଲି ଜାଣିପାରିଲେ। ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସାତ ଦିନରେ ଦିଲ୍ଲୀକୁ ଆଠଟି ଇମେଲ୍ ପଠାଇ ସଫ୍ଟୱେର୍‌କୁ ପୂର୍ବ ନିଷ୍ପତ୍ତିକୁ ପ୍ରତ୍ୟାହାର କରିବାକୁ ଅନୁରୋଧ କରିଥିଲା। କମିଶନଙ୍କ ନିଜସ୍ୱ ଉପ ନିର୍ବାଚନ କମିଶନର ମଧ୍ୟ ଆଇଟି ବିଭାଗକୁ କହିଥିଲେ ଯେ ସଫ୍ଟୱେର୍ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନକୁ ରୋକିପାରିବ ନାହିଁ। ତଥାପି, ଫେବୃଆରୀ ୨୧ ତାରିଖରେ ପ୍ରକାଶିତ ଚୂଡ଼ାନ୍ତ ତାଲିକାରେ ଏହି ୯୭ ଜଣଙ୍କ ନାମ ଦେଖାଯାଇ ନଥିଲା। ଇଣ୍ଡିଆନ୍ ଏକ୍ସପ୍ରେସ ତଦନ୍ତ କରି ଜାଣିପାରିଲା ଯେ ସେପ୍ଟେମ୍ବର ୨୦ ତାରିଖ ପର୍ଯ୍ୟନ୍ତ ଏହି ନାମଗୁଡ଼ିକ ତାଲିକାରୁ ଏପର୍ଯ୍ୟନ୍ତ ଗାଏବ ଥିଲା। ଗୋଆର ମୁଖ୍ୟ ନିର୍ବାଚନ ଅଧିକାରୀ ଖବରକାଗଜକୁ କହିଛନ୍ତି ଯେ ରାଜ୍ୟ ଦିଲ୍ଲୀକୁ ନାମ ଅନ୍ତର୍ଭୁକ୍ତ କରିବା ବିଷୟରେ ରିପୋର୍ଟ କରିଥିଲା, କିନ୍ତୁ ସେଗୁଡ଼ିକୁ ବାଦ ଦେବାର ନିଷ୍ପତ୍ତି ସେଠାରେ ନିଆଯାଇଥିଲା।

ଦେଶର ବିଶାଳ ଭୋଟର ଜନସଂଖ୍ୟା ତୁଳନାରେ ୯୭ ଜଣଙ୍କ ସଂଖ୍ୟା ଛୋଟ ମନେହୁଏ। କିନ୍ତୁ ଏହି ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରତ୍ୟେକ ଜଣେ ନାଗରିକ ଯାହାଙ୍କ ନାମ ଯୋଗ୍ୟତା ଯାଞ୍ଚ ସତ୍ତ୍ୱେ ତାଲିକାରେ ଦେଖାଯାଇ ନଥିଲା। ଗୋଆରେ, କିଛି ସ୍ୱାସ୍ଥ୍ୟ ଯୋଜନା ପାଇଁ ଯୋଗ୍ୟତା ମଧ୍ୟ ରାଜ୍ୟର ଭୋଟର ତାଲିକା ସହିତ ଜଡିତ। ତେଣୁ, ପ୍ରଶ୍ନ କେବଳ ଭୋଟ୍ ଦିନ ବିଷୟରେ ନୁହେଁ, ବରଂ ଦୈନନ୍ଦିନ ଅଧିକାର ବିଷୟରେ ମଧ୍ୟ।

ଏହି ସମୟରେ, ସାନ୍ଧୁଙ୍କ ରିପୋର୍ଟ ପଶ୍ଚିମବଙ୍ଗରଏସ୍ଆଇଆର ବିଷୟରେ ଆଉ ଏକ ପ୍ରଶ୍ନ ଉଠାଇଛି: ନ୍ୟାୟିକ ଅଧିକାରୀମାନଙ୍କ ଦ୍ୱାରା ତାଲିକାରେ ଅନ୍ତର୍ଭୁକ୍ତ ଭୋଟରମାନଙ୍କ ବିରୁଦ୍ଧରେ ଆୟୋଗକୁ ଆବେଦନ ଦାଖଲ କରିବାକୁ କିଏ ଅନୁମତି ଦେଇଥିଲା, ଏବଂ କିଏ ଆବେଦନ ଦାଖଲ କରିଥିଲା ? ଏହି ପ୍ରଶ୍ନଟି ଗୁରୁତ୍ୱପୂର୍ଣ୍ଣ କାରଣ କମିଶନ ସୁପ୍ରିମକୋର୍ଟକୁ ସୂଚନା ଦେଇଛନ୍ତି ଯେ ବାଦ ଦିଆଯାଇଥିବା ଭୋଟରମାନେ ପୁନଃସ୍ଥାପନ ପାଇଁ ୨୨.୨୧ ଲକ୍ଷ ଆବେଦନ ଦାଖଲ କରିଥିଲେ, ଯେତେବେଳେ ତାଲିକାରେ ଅନ୍ତର୍ଭୁକ୍ତ ଭୋଟରଙ୍କ ନାମ ବାଦ ଦେବା ପାଇଁ ୧୬.୧୦ ଲକ୍ଷ ଆବେଦନ ଦାଖଲ କରାଯାଇଥିଲା। କମିଶନ ତାଙ୍କ ଉତ୍ତରରେ ସ୍ପଷ୍ଟ କରିନାହାଁନ୍ତି ଯେ ଏହି ଅନ୍ୟ ଆବେଦନଗୁଡ଼ିକ କିଏ ଦାଖଲ କରିଥିଲେ। ଏହି ତଥ୍ୟ ସ୍ୱୟଂଚାଳିତ ଭାବରେ ନିର୍ବାଚନର ଫଳାଫଳ ବିଷୟରେ ଏକ ନିଷ୍କର୍ଷକୁ ନେଇଯାଏ ନାହିଁ, କିନ୍ତୁ ପ୍ରକ୍ରିୟାର ହିସାବ ଦାବି କରିବା ସମ୍ପୂର୍ଣ୍ଣ ବୈଧ।

ନିର୍ବାଚନ କମିଶନ ଭିତରେ ମତଭେଦ ନିଜେ ଏକ ଅପରାଧ ନୁହେଁ। ପ୍ରକୃତ ପରୀକ୍ଷା ହେଉଛି ଦାଖଲ ହୋଇଥିବା ଆପତ୍ତି ଉପରେ କ'ଣ ନିଷ୍ପତ୍ତି ନିଆଯାଇଥିଲା, କେଉଁ କର୍ତ୍ତୃପକ୍ଷ ଦ୍ୱାରା ଏବଂ ସେହି ନିଷ୍ପତ୍ତିର ରେକର୍ଡ କ'ଣ। ୨୦୨୩ ଆଇନରେ ଏହା ମଧ୍ୟ କୁହାଯାଇଛି ଯେ କମିଶନଙ୍କ କାର୍ଯ୍ୟ ଯଥାସମ୍ଭବ ସର୍ବସମ୍ମତିକ୍ରମେ କରାଯିବା ଉଚିତ; ମତଭେଦ ହେଲେ, ସଂଖ୍ୟାଗରିଷ୍ଠ ମତ ଦ୍ୱାରା ନିଷ୍ପତ୍ତି ନିଆଯିବା ଉଚିତ। ଏଠାରେ ପ୍ରଶ୍ନ ହେଉଛି: ଯେତେବେଳେ ଦୁଇଜଣ କମିଶନର ବାରମ୍ବାର କହିଥିଲେ ଯେ ସେମାନଙ୍କୁ ନିଷ୍ପତ୍ତି ସୂଚନା ଦେବା କିମ୍ବା ଅନୁମୋଦନ କରିବା ପ୍ରକ୍ରିୟାରେ ସାମିଲ କରାଯାଇ ନଥିଲା, ସେତେବେଳେ କମିଶନଙ୍କ ସାମୂହିକ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟା କିପରି କାର୍ଯ୍ୟ କରିଥିଲା ?

ଇଣ୍ଡିଆନ୍ ଏକ୍ସପ୍ରେସ୍ ଅନୁଯାୟୀ, ଏହା ସେପଟ୍ଟେମ୍ବର ୨୧ ତାରିଖରେ ଏହି ଚିନ୍ତାଧାରା ଉପରେ କମିଶନ ଏବଂ ଉଭୟ କମିଶନରଙ୍କଠାରୁ ପ୍ରତିକ୍ରିୟା ଲୋଡ଼ିଥିଲା; ରିପୋର୍ଟ ପ୍ରକାଶିତ ହେବା ପର୍ଯ୍ୟନ୍ତ କୌଣସି ଉତ୍ତର ମିଳିନଥିଲା। ଏବେ, କମିଶନଙ୍କୁ ଡକ୍ୟୁମେଣ୍ଟ ଏବଂ ବ୍ୟାଖ୍ୟା କରିବାକୁ ପଡିବ: ଫର୍ମ ୬ ପରିବର୍ତ୍ତନଗୁଡ଼ିକୁ କିଏ ଅନୁମୋଦନ କରିଥିଲା, ଇଆରଓ କେବେ ସଫ୍ଟଓେର ଏହାର ନିଷ୍ପତ୍ତି କାର୍ଯ୍ୟକାରୀ କରିବାକୁ ପୂର୍ଣ୍ଣ ଅଧିକାର ପାଇବ, ପ୍ରସ୍ତାବିତ ଅଡିଟ୍ର କ'ଣ ହେଲା, ଏବଂ ଗୋଆର ୯୭ ଜଣ ଯୋଗ୍ୟ ଭୋଟରଙ୍କ ନାମ ଏପର୍ଯ୍ୟନ୍ତ କାହିଁକି ଯୋଡା ଯାଇନାହିଁ? ଗଣତନ୍ତ୍ରରେ, କେବଳ ନିର୍ବାଚନ କମିଶନଙ୍କଠାରୁ ବିଶ୍ୱାସ ଲୋଡ଼ିଲେ ବିଶ୍ୱାସ ସୃଷ୍ଟି ହୁଏ ନାହିଁ। ଯେତେବେଳେ ଏହାର ଦୁଇଜଣ ନିଜସ୍ୱ କମିଶନର ଲିଖିତ ପ୍ରଶ୍ନ ଉଠାନ୍ତି ଏବଂ ସ୍ଥାନୀୟ ଅଧିକାରୀମାନେ ଯୋଗ୍ୟ ଭୋଟରଙ୍କ ନାମ ପଞ୍ଜୀକୃତ ମଧ୍ୟ କରିପାରିବେ ନାହିଁ, ସେତେବେଳେ କମିଶନର ଉତ୍ତର ଦେବା ଏକ ସାମ୍ବିଧାନିକ ଦାୟିତ୍ୱ।

ସୁଜନପୁର, ଯାଜପୁର
ମୋ-୯୪୩୭୨୮୮୦୨୮

## ପ୍ରଶାସନର ଦୃଷ୍ଟି ପଡିବ କେବେ ?

# କାଦୁଅ ପଚପଚ ରାସ୍ତାରେ ଯାଉଛନ୍ତି ଦାସାଗୁଡା ଗ୍ରାମବାସୀ

**କନ୍ଧମାଳ,୨।୧୦(ନି.ସୂ) :** ବିକାଶର ଯୁଗରେ ମଧ୍ୟ ପକ୍କା ରାସ୍ତାରୁ ବଞ୍ଚିତ ଦାସାଗୁଡ଼ା ଗ୍ରାମବାସୀ। ଦୀର୍ଘଦିନ ଧରି ମାଟି ରାସ୍ତାରେ ଯାତାୟାତ କରିଆସୁଥିବା ଗ୍ରାମବାସୀ ଏବେ ରାସ୍ତା ନିର୍ମାଣ ପାଇଁ ପ୍ରଶାସନ ନିକଟରେ ଦାବି ଜଣାଇଛନ୍ତି। ଟିକାବାଲି ବ୍ଲକ ରୂପାଣଗାଁ ମୌଜା ଅନ୍ତର୍ଗତ ଦାସାଗୁଡ଼ା ଗାଁରେ ୨୦୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଥିଲେ ମଧ୍ୟ ଗାଁକୁ ଯିବା ପାଇଁ ଏଯାଏଁ ଭଲ ପକ୍କା ରାସ୍ତାଟିଏ ନିର୍ମାଣ ହୋଇନାହିଁ। ଆରଡି ରାସ୍ତାଠାରୁ ଦାସାଗୁଡ଼ା ଗାଁ ପର୍ଯ୍ୟନ୍ତ ପ୍ରାୟ ୨.୫ କିଲୋମିଟର ରାସ୍ତା ମାଟିରେ ରହିଛି। ଖରାଦିନେ ଯେନତେନ ପ୍ରକାରେ ଲୋକେ ଏହି ରାସ୍ତାରେ ଯାତାୟାତ କରୁଥିବା ବେଳେ ବର୍ଷା ଆସିଲେ ସ୍ଥିତି ସାଂଘାତିକ ହୋଇପଡୁଛି। ବର୍ଷା ପାଣି ଜମିବା ସହ ରାସ୍ତା ସାରା କାଦୁଅ ହୋଇଯାଉଛି।

ଫଳରେ ପାଦରେ ଚାଲିବା ଠାରୁ ଆରମ୍ଭ କରି ଦୁଇଚକିଆ ଓ ଚାରିଚକିଆ ଯାନ ଚଳାଚଳ ପର୍ଯ୍ୟନ୍ତ ସବୁକିଛି ପ୍ରଭାବିତ ହେଉଛି। ରାସ୍ତାର ଏଭଳି ଅବସ୍ଥା ଯୋଗୁଁ ସାଧାରଣ ଲୋକଙ୍କ ଦୈନନ୍ଦିନ ଜୀବନ ମଧ୍ୟ ପ୍ରଭାବିତ ହେଉଛି। ଗାଁରୁ ବଜାର, ଡାକ୍ତରଖାନା, ସ୍କୁଲ ଓ ଅନ୍ୟାନ୍ୟ ଆବଶ୍ୟକ ସ୍ଥାନକୁ ଯିବା ପାଇଁ ଗ୍ରାମବାସୀଙ୍କୁ ଅନେକ ଅସୁବିଧା ସହିବାକୁ ପଡୁଛି। ବିଶେଷକରି ରୋଗୀ, ବୃଦ୍ଧ ଏବଂ ଗର୍ଭବତୀ ମହିଳାଙ୍କ ସମୟରେ ସମସ୍ୟା ଅଧିକ ଗୁରୁତର ହୋଇପଡୁଛି। ଜରୁରୀ ସମୟରେ ଆମ୍ବୁଲାନ୍ସ ଗାଁ ଭିତରକୁ ପହଞ୍ଚିବାରେ ମଧ୍ୟ ବାଧା ସୃଷ୍ଟି ହେଉଛି। ଫଳରେ ଅନେକ ସମୟରେ ରୋଗୀଙ୍କୁ ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ



ନେଇଯିବାକୁ ପଡୁଥିବା ଅଭିଯୋଗ ହୋଇଛି। କେବଳ ଯାତାୟାତ ନୁହେଁ, ରାସ୍ତା ଅଭାବ ଯୋଗୁଁ ଗାଁର ଆର୍ଥିକ ଓ ସାମାଜିକ ଜୀବନ ମଧ୍ୟ ପ୍ରଭାବିତ ହେଉଥିବା ଗ୍ରାମବାସୀ କହିଛନ୍ତି। ବର୍ଷାଦିନେ ରାସ୍ତାରେ କାଦୁଅ ହୋଇଯିବାରୁ ଯାନବାହନ ଚଳାଚଳ କଷ୍ଟକର ହେଉଛି। ଅନେକ ସମୟରେ ଲୋକଙ୍କୁ ନିଜ ଗାଡ଼ି ନେଇ ଯିବାରେ ମଧ୍ୟ ଭୟ ଲାଗୁଛି। ଏପରିକି ଜରୁରୀ ସେବା ପାଇଁ ଆସୁଥିବା ଗାଡ଼ିଗୁଡ଼ିକ ମଧ୍ୟ ଗାଁରେ ପହଞ୍ଚିବାକୁ ହଇରାଣ ହେଉଛନ୍ତି। ଏହି ଦୀର୍ଘଦିନର ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଆ ?ଡି ରାସ୍ତାଠାରୁ ଦାସାଗୁଡ଼ା ପର୍ଯ୍ୟନ୍ତ ୨.୫ କିଲୋମିଟର ପକ୍କା ରାସ୍ତା ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏଥିସହ ଏହି ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ସାମିଲ କରି ଶୀଘ୍ର ନିର୍ମାଣ କରାଯାଉ ବୋଲି ସେମାନେ ଦାବି ଜଣାଇଛନ୍ତି। ଦାବି ନେଇ ଗ୍ରାମବାସୀ ଏକତ୍ରିତ ହୋଇ ଫୁଲବାଣୀ ଜିଲ୍ଲାପାଳଙ୍କୁ ଭେଟିବା ସହ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ରାସ୍ତା ନିର୍ମାଣ ନେଇ ପ୍ରଶାସନ ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ଗ୍ରାମବାସୀ ଆଶା ରଖିଛନ୍ତି। ତେବେ ଦୀର୍ଘବର୍ଷର ଦାବି ପରେ ମଧ୍ୟ ଯଦି ରାସ୍ତା ନିର୍ମାଣ ହୋଇନଥାଏ, ତେବେ ଆଗାମୀ ପଞ୍ଚାୟତ ନିର୍ବାଚନରେ ଭୋଟ ବର୍ଜନ କରିବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏବେ ଦାସାଗୁଡ଼ାବାସୀଙ୍କ ଅପେକ୍ଷା ପ୍ରଶାସନର ପଦକ୍ଷେପକୁ। ୨.୫ କିଲୋମିଟର ମାଟି ରାସ୍ତା କେବେ ପକ୍କା ରାସ୍ତାରେ ପରିଣତ ହେବ, ତାହା ହିଁ ଏବେ ଗ୍ରାମବାସୀଙ୍କ ପାଇଁ ବଡ଼ ପ୍ରଶ୍ନ। ରାସ୍ତା ନିର୍ମାଣ ହେଲେ ଦାସାଗୁଡ଼ାର ୨୦୦ରୁ ଊର୍ଦ୍ଧ୍ୱ ପରିବାରଙ୍କ ଯାତାୟାତ ସମସ୍ୟା ଦୂର ହେବା ସହ ଜରୁରୀକାଳୀନ ସେବା ମଧ୍ୟ ସହଜ ହୋଇପାରିବ।

## ପାରାଦୀପ ଲକ୍ ପୋଲିସର ବଡ଼ କାର୍ଯ୍ୟାନୁଷ୍ଠାନ

# ବ୍ରାଉନ୍ ସୁଗାର ଜବତ, ଜଣେ ଗିରଫ

**ପାରାଦୀପ,୨।୧୦(ନି.ସୂ) :** ନିଶାଦ୍ରବ୍ୟ ବିରୋଧରେ ପାରାଦୀପ ଲକ୍ ପୋଲିସ ପକ୍ଷରୁ ଚାଲିଥିବା ଅଭିଯାନରେ ଏକ ବଡ଼ ସଫଳତା ମିଳିଛି। ଗୁପ୍ତ ସୂଚନା ଆଧାରରେ କୋଲଡିହା ଛକ ନିକଟରେ ଚଢ଼ାଉ କରି ପୋଲିସ ୧୦.୨୨ ଗ୍ରାମ ବ୍ରାଉନ୍ ସୁଗାର ଜବତ କରିବା ସହ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ଜବତ ନିଶାଦ୍ରବ୍ୟର ଆନୁମାନିକ ମୂଲ୍ୟ ପ୍ରାୟ ୧ ଲକ୍ଷ ଟଙ୍କା ବୋଲି ପୋଲିସ ସାମ୍ବାଦିକ ସମ୍ମିଳନୀରେ ଦର୍ଶାଇଛି।




ପୋଲିସ ପ୍ରେସ୍ ନୋଟ୍ ଅନୁଯାୟୀ, ଜଗତସିଂହପୁର ଏସ୍ପିଙ୍କ ନିର୍ଦ୍ଦେଶରେ ପାରାଦୀପ ଲକ୍ ଥାନା ଅଧିକାରୀ ରଶ୍ମି ରଞ୍ଜନ ଦାସ ତତ୍ତ୍ୱାବଧାନରେ ଏସ୍ଆଇ ବିନାୟକ ସିଂହଙ୍କ ସମେତ ପୋଲିସ କର୍ମଚାରୀଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଅଭିଯାନ ସମୟରେ ବିଶ୍ୱାଳି ଗ୍ରାମର ଚିନ୍ମୟ ବେହେରା ଓରଫ ବାଲାରା ଓରଫ ବାଲେଗେରା (୪୪)ଙ୍କୁ ପୋଲିସ ଧରିଥିଲା।

ଏନ୍‌ଡିପିଏସ୍ ଆଇନର ନିୟମ ଅନୁସାରେ ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ଓ ସାକ୍ଷୀଙ୍କ ଉପସ୍ଥିତିରେ ତାଙ୍କର ତଲାସି କରାଯାଇଥିଲା। ତଲାସି ବେଳେ ତାଙ୍କ ନିକଟରୁ ୧୦.୨୨ ଗ୍ରାମ ବ୍ରାଉନ୍ ସୁଗାର, ୧୨ଟି ହଳଦିଆ ଓ ସବୁଜ ଛାପା ଚିଟ୍ ପେପର୍ ଏବଂ ଗୋଟିଏ ସାମସଙ୍ଗ୍ ମୋବାଇଲ୍ ଫୋନ୍ ଜବତ ହୋଇଥିବା ପୋଲିସ କହିଛି। ଏହି ଘଟଣାକୁ ନେଇ ପାରାଦୀପ ଲକ୍ ଥାନାରେ କେସ୍ ନମ୍ବର ୩୨୫, ତାରିଖ ୦୧.୧୦.୨୦୨୬ରେ ଏନ୍ ?ଡିପିଏସ୍ ଆଇନର ଧାରା ୨୧(ବି) ଅନୁଯାୟୀ ମାମଲା ରୁଜୁ ହୋଇଛି।

ପୋଲିସ ପ୍ରେସ୍ ନୋଟ୍‌ରେ ଅଭିଯୁକ୍ତଙ୍କ ବିରୋଧରେ ପୂର୍ବରୁ ମଧ୍ୟ ଏକାଧିକ ମାମଲା ଥିବା ଉଲ୍ଲେଖ କରାଯାଇଛି। ଏହି ମାମଲାରେ ବ୍ରାଉନ୍ ସୁଗାରର ଉତ୍ସ, ଯୋଗାଣ ଶୃଙ୍ଖଳ ଓ ଏହା ସହ ଜଡ଼ିତ ଅନ୍ୟ ବ୍ୟକ୍ତିଙ୍କ ସମ୍ପର୍କରେ ପୋଲିସ ତଦନ୍ତ ଜାରି ରଖିଛି। ନିଶାଦ୍ରବ୍ୟ ଓ ବେଆଇନ କାରବାର ବିରୋଧରେ ଆଗାମୀ ଦିନରେ ମଧ୍ୟ କଠୋର ଆଇନଗତ ପଦକ୍ଷେପ ଜାରି ରହିବ ବୋଲି ପାରାଦୀପ ଲକ୍ ପୋଲିସ ପକ୍ଷରୁ କୁହାଯାଇଛି।

# ଭବାନୀପାଟଣା ଠାରେ ମହାତ୍ମା ଗାନ୍ଧୀ ଓ ଲାଲ ବାହାଦୁର ଶାସ୍ତ୍ରୀ ଜୟନ୍ତୀ ପାଳିତ

**ଭବାନୀପାଟଣା,୨।୧୦(ନି.ସୂ) :** ସ୍ଥାନୀୟ ଗାନ୍ଧୀ ପାର୍କ ଠାରେ ଜିଲ୍ଲା ସ୍ତରୀୟ ମହାତ୍ମା ଗାନ୍ଧୀ ତଥା ଲାଲ ବାହାଦୁର ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ସାଧାରଣ ତନ୍ମୟ କୁମାର ଦରୱାନ ମୁଖ୍ୟ ଅତିଥି , ମୁଖ୍ୟ ବକ୍ତା ଡ଼.ଉମେଶ ଚନ୍ଦ୍ର ଶତପଥୀ,ସମ୍ମାନିତ ଅତିଥି ରୂପେ ଜିଲ୍ଲା ଶିକ୍ଷା ଅଧିକାରୀ



ରାଧାକାନ୍ତ ଛତ୍ରୀ , ସହ ନିର୍ଦ୍ଦେଶକ ସଞ୍ଜୟ ଏବଂ ଆର୍ଥିକ ସେବା ବିବେକା ନନ୍ଦ ମହାନନ୍ଦ,ଉପ ନିର୍ଦ୍ଦେଶକ,ଯୋଜନା ଓ ସମନ୍ୱୟ ଶ୍ରୀକାନ୍ତ ଦଳେଇଙ୍କ ସମେତ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପ ସିଂ ରାଉତ ଯୋଗ ଦେଇ ଗାନ୍ଧିଛକ ସ୍ଥିତ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି , ଷ୍ଟାଡିୟମ୍ ସ୍ଥିତ ଲାଲ ବାହାଦୁର ଶାସ୍ତ୍ରୀଙ୍କ ପ୍ରତିମୂର୍ତ୍ତି ଏବଂ ଗାନ୍ଧୀପାର୍କ ସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ପୁଷ୍ପପୂଜା କରିଥିଲେ। ଜିଲ୍ଲା କ୍ରୀଡା ସଂଘର କର୍ମକର୍ତ୍ତା ଶାସ୍ତ୍ରୀ ପ୍ରତିମୂର୍ତ୍ତି ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପ୍ରଭାତଫେରି ତଥା ମାଲ୍ୟ ଅର୍ପଣ କାର୍ଯ୍ୟକ୍ରମରେ ଅତିଥିମାନଙ୍କ ସଙ୍ଗରେ ବିଭିନ୍ନ ହାଇସ୍କୁଲର ଛାତ୍ର ଛାତ୍ରୀ , ଶିକ୍ଷକ ଶିକ୍ଷୟତ୍ରୀ, ସରକାରୀ ଅଧିକାରୀ,ସହରର ବିଶିଷ୍ଟ ବ୍ୟକ୍ତି ଓ ଗଣ ମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଦ୍ୱାରା ସକାଳ ୪.୩୦ ଘ ସମୟରେ ସହରରେ ରାମଧୁନ ପରିବେଷଣ କରାଯାଇଥିଲା।

ଗାନ୍ଧୀ ପାର୍କ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ହିନ୍ଦୁ, ମୁସଲିମ ଓ ଶିଖ ଧର୍ମର ପ୍ରତିନିଧି ନିଜ ନିଜ ପବିତ୍ର ଗ୍ରନ୍ଥରୁ ସର୍ବଧର୍ମ ସମନ୍ୱୟ, ଭାତୃଭାବ , ଅହିଂସା ଓ ଶାନ୍ତି ଉପରେ ଉଦ୍ଧୃତ ବାଣୀ ପରିବେଷଣ କରିଥିଲେ। ହିନ୍ଦୁ ଧର୍ମର ହେମନ୍ତ ମୁଣ୍ଡ,ଇସଲାମ ଧର୍ମର ଆଝାର ମହମ୍ମଦ ଓ ସୟିଦ ଉସ୍ମାନ,ଖ୍ରୀଷ୍ଟିଆନ ଧର୍ମର ପ୍ରଭାକର ବିର, ଶିଖ ଧର୍ମର ହର୍ଜନ୍ଦର ସିଂ ପ୍ରତିନିଧି ରୂପେ ଯୋଗଦେଇ ପବିତ୍ର ଗ୍ରନ୍ଥରୁ ବାଣୀ ପାଠ କରିଥିଲେ। ପ୍ରଥମେ ସରସ୍ୱତୀ ବିଦ୍ୟା ମନ୍ଦିର ବ୍ରଜବିହାରର ଛାତ୍ରୀ ମାନେ ଗାନ୍ଧୀଙ୍କ ପ୍ରିୟ ଭଜନ'ବୈଷ୍ଣବ ଜନକ' ପରିବେଷଣ କରିଥିଲେ। ଗାନ୍ଧୀ ଜୟନ୍ତୀ ଅବସରରେ ପୂର୍ବରୁ ହାଇସ୍କୁଲ୍ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଏବଂ ଉତିର୍ଣ୍ଣ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ପୁରସ୍କାର ପ୍ରଦାନ କରିଥିଲେ। ଛାତ୍ରୀମାନେ ଶେଷରେ 'ରଘୁପତି ରାଘବ'ଗାନ କରିଥିଲେ। ଅତିଥିଗଣ ନିଜ ବକ୍ତବ୍ୟରେ ଗାନ୍ଧୀ ଓ ଶାସ୍ତ୍ରୀଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶ ତଥା ଜାତିର ବିକାଶ ପାଇଁ ନିଜକୁ ପ୍ରସ୍ତୁତ କରିବା ଓ ସହଭାଗୀ ହେବାକୁ ଆହ୍ୱାନ କରିଥିଲେ।ଗାନ୍ଧୀ ପାର୍କରେ ସମସ୍ତ କାର୍ଯ୍ୟକ୍ରମ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ମନୋଜ ବେହେରା ପରିଚାଳନା କରିଥିଲେ ଓ କାର୍ଯ୍ୟକ୍ରମ ରୂପାୟନରେ ପୌର ପରିଷଦ ଓ ସୁଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ କର୍ମଚାରୀ ସହଯୋଗ କରିଥିଲେ। ମାଲ୍ୟ ଅର୍ପଣ କାର୍ଯ୍ୟକ୍ରମରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ,ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ସହରର ବୁଦ୍ଧିଜୀବି,ଗଣ ମାଧ୍ୟମ ପ୍ରତିନିଧି ଭାଗ ନେଇଥିଲେ

## ଥୁଆମୂଳ ରାମପୁରରେ ଭୈରବ ଦେବଙ୍କ ପ୍ରସିଦ୍ଧ ଝାମୁଯାତ୍ରା

# ଅଗ୍ନିକୁଣ୍ଡ ଉପରେ ଚାଲିଲେ ଭୈରବ ଦେବଙ୍କ କାଳିସୀ

**ଭବାନୀପାଟଣା,୨।୧୦(ନି.ସୂ) :** କଳାହାଣ୍ଡି ଜିଲ୍ଲାର ଐତିହ୍ୟ, ପରମ୍ପରା ଓ ଲୋକଆସ୍ଥାର ଅନନ୍ୟ ପରିଚୟ ବହନ କରୁଥିବା ଥୁଆମୂଳ ରାମପୁରର ପ୍ରସିଦ୍ଧ ଭୈରବ ଦେବଙ୍କ ଝାମୁଯାତ୍ରା ଶାନ୍ତିଶୃଙ୍ଖଳାର ସହିତ ସମ୍ପନ୍ନ ହୋଇଛି। ଝାମୁଯାତ୍ରା ସହିତ ଅଗ୍ନି ଭୈରବ ଦେବଙ୍କ ନବଦିନାତ୍ମକ ବାଲିଯାତ୍ରା ମଧ୍ୟ ଉଦ୍‌ଯାପିତ ହୋଇଛି।

ଏହି ଅବସରରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ବେଳେ ପାରମ୍ପରିକ ପୂଜାବିଧି, କଣ୍ଟାଦୋଳି, ଅଗ୍ନି ପରୀକ୍ଷା ଓ ବିଭିନ୍ନ ସାଂସ୍କୃତିକ ଆୟୋଜନ ଯୋଗୁଁ ସମଗ୍ର ଅଞ୍ଚଳ ଉତ୍ସବମୁଖର ହୋଇଉଠିଥିଲା। ପରମ୍ପରା ଅନୁଯାୟୀ, ଭାଦ୍ରବ ମାସ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥିରେ ନିକଟସ୍ଥ ନଦୀରୁ ପବିତ୍ର ବାଲି ଆଣି ସେଥିରେ ଶସ୍ୟବୀଜ ରୋପଣ କରାଯାଇଥିଲା। ଏହାପରେ ବିଭିନ୍ନ ଧାର୍ମିକ ବିଧିବିଧାନ ମଧ୍ୟରେ ନବଦିନାତ୍ମକ ବାଲିଯାତ୍ରା ପାଳନ କରାଯାଇଥିଲା। ଶିବ ଓ ଶକ୍ତିର ପ୍ରତୀକ ଭାବେ ଅଗ୍ନି ଭୈରବ ଦେବ ଓ ମା' ମାଣିକେଶ୍ୱରୀଙ୍କ କାଳିସୀ ଲାଗିବା ପରେ ପାରମ୍ପରିକ ରୀତିନୀତି ଅନୁଯାୟୀ ଗାଦିଆ ବସା ସମେତ ବିଭିନ୍ନ ପର୍ବ ଅନୁଷ୍ଠିତ ହୋଇଥିଲା।

ଶୁକ୍ରବାର ପଞ୍ଚମୀ ତିଥିରେ ଭୋରରୁ ଝାମୁଯାତ୍ରା ପାଇଁ କାଠ ସଂଗ୍ରହ ଓ ଅଗ୍ନି ସଂଯୋଗ ନିମନ୍ତେ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ଅପରାହ୍ନରେ ଭୈରବ ଦେବଙ୍କ କାଳିସୀ ଲାଗିବା ପରେ ତାଙ୍କୁ ସହର ପରିକ୍ରମା କରାଯାଇଥିଲା। ପରେ ମା' ମାଣିକେଶ୍ୱରୀଙ୍କ କାଳିସୀ ଲାଗିବା ପରେ



ଉଭୟଙ୍କୁ କଣ୍ଟାଗାଦିରେ ବସାଇ କଣ୍ଟାଦୋଳିରେ ଝୁଲାଯାଇଥିଲା। ଏହାପରେ ଅଗ୍ନି ଭୈରବଙ୍କ କାଳିସୀ ଲାଗିଥିବା ପୂଜକ ଅଗ୍ନିକୁଣ୍ଡ ଉପରେ ଚାଲି ଅଗ୍ନି ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ। ଏହି ଦୃଶ୍ୟ ଦେଖିବା ପାଇଁ ବହୁ ସଂଖ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

ଅଗ୍ନି ଭୈରବ ଦେବଙ୍କ ନୂତନ ପୂଜକ କଶ୍ୟପ ମୁଣ୍ଡଛିନା ଓ ମା' ମାଣିକେଶ୍ୱରୀଙ୍କ ପୂଜକ ଶରତ ପୂଝାରୀଙ୍କ ସମେତ ମୁଖ୍ୟ ପୂଜକ ତାପସ ରାୟଗୁରୁ, ଗୌରଚନ୍ଦ୍ର ମୁଣ୍ଡଛିନା, ଚିନ୍ମୟ ମୁଣ୍ଡ ଓ ଡମ୍ବରୁଧର ପୂଝାରୀ ପ୍ରମୁଖ ନିଜ ନିଜ ଦାୟିତ୍ୱ ତୁଲାଇ ଥିଲେ ।

ଝାମୁଯାତ୍ରା ଅବସରରେ କଳାହାଣ୍ଡିର ପାରମ୍ପାରିକ ଲୋକବାଦ୍ୟ ଘୁମୁରା ପ୍ରତିଯୋଗିତାର ଆୟୋଜନ ହୋଇଥିବା ବେଳେ, କଳାହାଣ୍ଡି ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଘୁମୁରା ଦଳ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଗବେଷକ ସତ୍ୟ ନାରାୟଣ ମୁଣ୍ଡଛିନା ଧାରାବିବରଣୀ ପ୍ରଦାନ କରୁଥିବା ବେଳେ, ମାଁ ମାଣିକେଶ୍ୱରୀ ପୂଜା କମିଟିର ସଭାପତି ଆଶ୍ୱିନ କୁମାର ନାଏକ, ଉପ-ସଭାପତି ହେମନ୍ତ କୁମାର ନାଏକ, ସମ୍ପାଦକ ଲୁଲୁ ଧଙ୍ଗଡା ମାଝୀ, କୋଷାଧ୍ୟକ୍ଷ ବିଘ୍ନରାଜ ପାତ୍ରଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଆୟୋଜନରେ ସହଯୋଗ କରିଥିଲେ ।

# ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା

**କଟକ,୨।୧୦(ନି.ସୂ) :** ସ୍ଥାନୀୟ ଦର୍ଘାବଜାରସ୍ଥ ଜିଲ୍ଲା ସଦଭାବନା ଭବନ ଠାରେ କଟକ ଜିଲ୍ଲାପାଳଙ୍କ ପକ୍ଷରୁ ଅକଟୋବର ଏକ ତାରିଖ ମଧ୍ୟାହ୍ନରେ ସିଡିଏ ବରିଷ୍ଠ ନାଗରିକ ମହାସଂଘ(ସିବନାମ)ର ମହାସଚିବ,



ବରିଷ୍ଠ ରେଳ ଶ୍ରମିକ ନେତା ଉତ୍କଳ ଭୂଷଣ ରାଉତରାୟ, ଉପାଧ୍ୟକ୍ଷ ଇଂ ବିଜୟ କୁମାର ପାତ୍ର, ଶିକ୍ଷାବିତ ତଥା ରାଜ୍ୟର ପ୍ରମୁଖ ଚିତ୍ରଶିଳ୍ପୀ ନକୁଳ ଚନ୍ଦ୍ର ମହାରଣା, ବରିଷ୍ଠ ସଦସ୍ୟ ସମାଜସେବୀ ବିପ୍ଲବ କୁମାର ବରଓ ରାଜ୍ୟ ବରିଷ୍ଠ ନାଗରିକ ମହାସଭା ର ପ୍ରମୁଖ ସଦସ୍ୟ ବାବୁଲି ଧର ନାୟକ ପ୍ରମୁଖଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା । କଟକ ସହର ସହ ସମ୍ପୃକ୍ତ, କାର୍ଯ୍ୟରତ ପ୍ରାୟ ୩୩ଟି ବରିଷ୍ଠ ନାଗରିକ ସଂଘଠନକୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ଶ୍ରୀ ରାଉତରାୟ ଜିଲ୍ଲାପାଳ ଓ ପ୍ରଶାସନ କୁ ସାଧୁବାଦ ଜଣାଇଥିଲେ ।

# ଫୁଲବାଣୀରେ ସିଭିଲ ସର୍ଭିସ୍ କୋଚିଂ ସେଣ୍ଟର, କନ୍ଧମାଳର ୩ୟ ବ୍ୟାଚ ଆରମ୍ଭ

**କନ୍ଧମାଳ,୨।୧୦(ନି.ସୂ) :** କନ୍ଧମାଳ ଜିଲ୍ଲାରେ ଦିନକୁ ଦିନ ଶିକ୍ଷାର ଉନ୍ନତି ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଥିବା ବେଳେ ତା ୦୧.୧୦.୨୦୨୬ ଗୁରୁବାର ଫୁଲବାଣୀ ସ୍ଥିତ ସିଭିଲ ସର୍ଭିସ କୋଚିଂ ସେଣ୍ଟର, କନ୍ଧମାଳର ୩ୟ ବ୍ୟାଚ୍ ଆରମ୍ଭ ହୋଇଛି। ଏହି କୋଚିଂ ସେଣ୍ଟରଟି ୨୦୨୩ ମସିହା ଅଗଷ୍ଟ ୧୭ ତାରିଖରୁ ଓଡ଼ିଶା ଖଣି ନିଗମର ଆର୍ଥିକ ସହାୟତା ଓ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଫୁଲବାଣୀର ପରିଚାଳନାରେ ପ୍ରତିଷ୍ଠା ହୋଇଥିଲା ।କନ୍ଧମାଳ ଜିଲ୍ଲାପାଳ ଶ୍ରୀ ବେଦ ଭୂଷଣ ଭା .ପ୍ର. ସେଙ୍କ କରକମଳରେ ଉଦ୍ଘାଟିତ ହୋଇଛି ୩ୟ ବ୍ୟାଚ୍। ଜିଲ୍ଲାପାଳ ନବାଗତ ଛାତ୍ର ଛାତ୍ରୀଙ୍କୁ ସ୍ୱାଗତ କରିବା ସହ ସହଜ ଓ ସରଳ ଭାବରେ ପ୍ରେରଣାଦାୟୀ ଉଦାହରଣ କହିଥିଲେ।

ନିଜର ପ୍ରସ୍ତୁତି , ଅନୁଭୂତି ବ୍ୟକ୍ତ କରିବା ସହ ତ୍ରୁଟି ସଂସୋଧନ ଉପରେ ଗୁରୁତ୍ୱାରୋପ କରିଥିଲେ, ପ୍ରସ୍ତୁତି ସମୟରେ ସମୟର ଗୁରୁତ୍ୱ ଓ ଧୈର୍ଯ୍ୟ ସହକାରେ ନିରନ୍ତର ଅଧ୍ୟବସାୟର ମନ୍ତ୍ର ଦେଇଥିଲେ। ପ୍ରତି ୨ମାସ ଅନ୍ତରରେ ନିଜେ କୋଚିଂ ସେଣ୍ଟର ଆସି ଛାତ୍ର ଛାତ୍ରୀଙ୍କ ଗଚ୍ଛିତ ଡାଉଟ୍ କ୍ଲିୟର କରିବା ସହ ପାଠପଢ଼ାର ତଦାରଖ କରିବେ ବୋଲି କହିଥିଲେ। ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଶ୍ରୀ ଯୁଧିଷ୍ଠିର ମେହେର ସ୍ୱାଗତ ସମାରୋହରେ ଯୋଗଦେଇ



ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଓ ପ୍ରେରଣା ଦେବା ସହ କହିଛନ୍ତି ଏହି କୋଚିଂରୁ ଏଯାବତ୍ ପ୍ରଶାସନିକ ସେବାରେ ଜଣେ ଓ ଅନ୍ୟାନ୍ୟ ସରକାରୀ ଚାକିରିରେ ୩୦ ରୁ ଊର୍ଦ୍ଧ୍ୱ ଛାତ୍ର ଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ୭ ଜଣ ଛାତ୍ର ଛାତ୍ରୀ ଚଳିତ ବର୍ଷ ଓଡ଼ିଶା ପ୍ରଶାସନିକ ସେବା ପ୍ରବେଶିକା ପରୀକ୍ଷା ପ୍ରିଲିମ୍ ରେ କୃତକାର୍ଯ୍ୟ ହୋଇ ମେନ୍ ପାଇଁ ପ୍ରସ୍ତୁତି ହେଉଛନ୍ତି। ସଫଳତାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ୩ୟ ବ୍ୟାଚ୍ ପାଇଁ ବିଜ୍ଞପ୍ତି ଜାରି କରାଯାଇଥିଲା। ସର୍ବମୋଟ ୧୨୧ ଟି ଆବେଦନ ଦାଖଲ ହୋଇଥିବା ବେଳେ ଏକ ପ୍ରବେଶିକା ପରୀକ୍ଷା ଦ୍ୱାରା ୭୦ ଜଣ କୃତୀ ଛାତ୍ର ଛାତ୍ରୀଙ୍କୁ ମନୋନୀତ କରାଯାଇଛି। କୋଚିଂ ସେଣ୍ଟରର ଅଧକ୍ଷ ଦାୟିତ୍ୱରେ ଥିବା ଶିବ ସୁନ୍ଦର ସାହୁ କହିଛନ୍ତି ଚଳିତ ବର୍ଷ ଦୈନିକ ୨ଟି କ୍ଲାସ ସକାଳ ୯ରୁ ମଧ୍ୟାହ୍ନ୧୨ ଟା ଓ ସନ୍ଧ୍ୟା ୬ଟା ରୁ ୯ଟା ରେ ଅଭିଜ୍ଞ ପ୍ରଶିକ୍ଷକଙ୍କ ଦ୍ୱାରା ଦିଲ୍ଲୀରୁ ଅନଲାଇନ ଯୋଗେ କ୍ଲାସ ପ୍ରଦାନ କରାଯିବ ଓ ଜିଲ୍ଲାର ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀ ମେଣ୍ଟରଶିପ ଦ୍ୱାରା ଛାତ୍ର ଛାତ୍ରୀ ଙ୍କୁ ଆଗାମୀ ଦିନରେ ପଢ଼ାଇବେ। ନିଃଶୁଳ୍କ ୱାଇଫାଇ, ଶୀତତାପ ନିୟନ୍ତ୍ରିତ ଶ୍ରେଣୀଗୃହ ସହ କୋଚିଂ ପାଠାଗାରର ସୁବିଧା ଛାତ୍ର ଛାତ୍ରୀଙ୍କୁ ଯୋଗାଇଦିଆଯାଉଥିବା କହିଛନ୍ତି। ଛାତ୍ର ଛାତ୍ରୀ ମାନେ ଏହି କୋଚିଂରୁ ପାଠପଢ଼ି ଆଗାମୀ ଦିନରେ କନ୍ଧମାଳ ମାଟିରୁ ପ୍ରଶାସନିକ ସେବାରେ ବହୁ ମାତ୍ରାରେ ସଫଳତା ହାସଲ କରିବାର ଉଚ୍ଚାଭିଳାଷ ପରିପ୍ରକାଶ କରିଛନ୍ତି।

# ବସ ଚଳାଚଳ ଦାବିରେ ସାଇକେଲରେ ଗୁଡାରିରୁ ଭୁବନେଶ୍ୱର ଯାତ୍ରା

**ଗୁଡାରି,୨।୧୦(ନି.ସୂ) :** ଅନୁନ୍ନତ ଅବହେଳିତ ଗୁଡାରୀକୁ ସରକାରି ବସ୍ ଚଳାଚଳ ଦାବିରେ ସାମ୍ବାଦିକ ଶ୍ରୀ ପ୍ରମୋଦ କୁମାରପତି ସାଇକେଲରେ ଭୁବନେଶ୍ୱର ଯାତ୍ରା ଆରମ୍ଭ କରିଥିବା ଜଣାପଡିଛି। ସୁଚନାଅନୁଯାଇ ରାସ୍ତାଘା ର ଦୟନିୟ ଅବସ୍ଥା ଗୁଡାରି ରୁ ସରକାରି ବସ ଚଳାଚଳ ପାଇଁ ବାରମ୍ବାର ଦାବି ସତ୍ୱେ ସରକାର କର୍ଣପାତ କରୁନଥିବାରୁ ଗତ ଗତ କିଛିଦିନ ହେଲା ମୁଖ୍ୟମନ୍ତ୍ରୀକ ଉଦ୍ଦେଶ୍ୟ ରେ ସରକାରି ବସ୍ ଚଳାଚଳ ଦାବିରେ ପ୍ରଶାସନକୁ ଜଣାଇଥିଲେ ସୁଧା



ପ୍ରଶାସନ ପାଖରୁ କୈଣସି ପଦକ୍ଷେପ ନିଆ ଯାଇନଥିଲା। ତେଣୁ ଆଜି ପବିତ୍ର ଗାନ୍ଧିଜୟନ୍ତି ଅବସରରେ ସାଇକେଲ ଯାତ୍ରା ଆରମ୍ଭ ହୋଇଥିଲା। ଏହି ସମୟରେ ବିଭିନ୍ନ ପ୍ରଶାସନ ଅଧିକାରଙ୍କ ପକ୍ଷରୁ ସାଇକେଲ ଯାତ୍ରାକୁ ସ୍ଥଗିତ ରଖିବାପାଇଁ ଅନୁରୋଧ ବାର୍ତ୍ତା ପହଂଚି ଥିଲା ।

କିନ୍ତୁ ଦିର୍ଘଦିନ ବ୍ୟବଧାନ ପରେ ଆଜି ପ୍ରଶାସନର ନଜର ପଡିଥିବାରୁ ଶ୍ରୀ ପତି ଦୁଖପ୍ରକାଶକରି ଥିଲେ। ଦୀର୍ଘଦିନ ନିରବତାପରେ ସରକାରଙ୍କ ଚେତା ପଶିଥିବାରୁ, ଆଜି ଗ୍ରାମବାସୀଙ୍କ ସହଯୋଗରେ କାର୍ୟକ୍ରମ ଆରମ୍ଭ ହେଉଛି । ତେଣୁ ଗ୍ରାମବାସୀ ଏହାର ନିସ୍ପତି ନେବେ ବୋଲି ପ୍ରଶାସନକୁ ଜଣାଇଥିଲେ। ପୂର୍ବ ନିସ୍ପତି ଅନୁଯାଇ ମାଁ ମାଣିକେଶ୍ୱରି, ଭଣ୍ଡାରଘରଣି ମନ୍ଦିରରେ ପୂଜାର୍ଚ୍ଚନାକରି ପବିତ୍ର ଗାନ୍ଧୀ ଜୟନ୍ତି ଅବସରରେ ଗାନ୍ଧି ପ୍ରତିମୂର୍ତ୍ତି ଠାରୁ ଭୁବନେଶ୍ୱର ଅଭିମୁଖେ ଯାତ୍ରାର ଶୁଭାରମ୍ଭକରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ରଘୁନାଥ ଗମାଙ୍ଗ, ସୁଧିର ଦାସ, ଗଗନ ଆଚାର୍ଯ୍ୟ, କେଦାର ସାହୁ, ଶାସନପୁରି ମିନକେଶ୍ୱର ରାଓ,ସନ୍ତୋଷ ମହାନ୍ତି ଓ ଶତାଧିକ ଗ୍ରାମବାସି ଉପସ୍ଥିତ ରହି କାର୍ୟକ୍ରମର ଶୁଭାରମ୍ଭ କରିଥିଲେ।

# ଜିଲ୍ଲାସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ

**ଖୋରଧା,୨।୧୦(ନି.ସୂ) :** ଖୋରଧା ଜିଲ୍ଲା ସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଜିଲ୍ଲା ସଦର ମହକୁମା, ଖୋରଧା ଠାରେ ଜିଲା ପ୍ରଶାସନ ଏବଂ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ମିଳିତ ଆନୁକୂଲ୍ୟରେ ପାଳିତ ହୋଇଯାଇଅଛି ।

ପୂର୍ବାହ୍ନରେ ଜିଲା ପରିଷଦ ଉପ ସଭାପତି , ଖୋରଧା ଶ୍ରୀଯୁକ୍ତ ଗୋପୀନାଥ ମହାରଣା, ଅତିରିକ୍ତ ଜିଲାପାଳ, ସାଧାରଣ, ଖୋରଧା ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ବେଉରା ଯୋଗଦେଇ ଖୋରଧା ଡାକବଙ୍ଗଳା ସନ୍ନିକଟ ଛକରେ ଥିବା ମହାତ୍ମା ଗାନ୍ଧୀଙ୍କ ଅର୍ଦ୍ଧ ବୟବ ପ୍ରତି ମୂର୍ତ୍ତିରେ ଗଣମାଧ୍ୟମ ପ୍ରତିନିଧି ଏବଂ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ଗହଣରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିଥିଲେ । ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲାପାଳ, ସାଧାରଣ, ଖୋରଧା ଶ୍ରୀ ପ୍ରତାପ ଚନ୍ଦ୍ର ବେଉରାଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଓ ସର୍ବ ଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସମାରୋହରେ ମୁଖ୍ୟ ଅତିଥି ଭାବେ, ଜିଲା ପରିଷଦ ସଭାପତି, ରୂପଶ୍ରୀ ରାଣୀ ଗୁମାନ ସିଂହ, ସମ୍ମାନିତ ଅତିଥି ରୂପେ ଉପସଭାପତି, ଜିଲା ପରିଷଦ, ଖୋରଧା ଶ୍ରୀଯୁକ୍ତ ଗୋପୀନାଥ ମହାରଣା, ସମ୍ମାନିତ ଅତିଥି ଭାବେ ସଦର ତହସିଲଦାର ବିଭାଷ ପାଣିଗ୍ରାହୀ ଏବଂ ମୁଖ୍ୟ ବକ୍ତା ଭାବେ ପ୍ରାଣ ନାଥ



ସ୍ୱୟଂ ଶାସିତ ମହା ବିଦ୍ୟାଳୟର ପଦାର୍ଥ ବିଜ୍ଞାନ ପ୍ରାଧାପକ ଡ଼ଃ ସୁବୋଧ କୁମାର ଜଗଦେବ ଯୋଗଦେଇ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ପ୍ରଦୀପ ପ୍ରଜ୍ୱଳନ କରି ସମାରୋହକୁ ଉଦ୍‌ଘାଟନ କରିଥିଲେ। ପରେ ସଭାପତି ମୁଖ୍ୟଅତିଥି, ସମ୍ମାନିତ ଅତିଥି, ମୁଖ୍ୟ ବକ୍ତା ଓ ହିନ୍ଦୁ ଧର୍ମ ଜାଜକ ପଣ୍ଡିତ ସୁଶାନ୍ତ କୁମାର ମିଶ୍ର, ଇସଲାମ ଧର୍ମ ଜାଜକ ମଉଲାନା ଖତି ଉଦ୍ଦିନ ଏବଂ ଖ୍ରୀଷ୍ଟିଆନ୍ ଧର୍ମଗୁରୁ ଶ୍ରୀ ମାନୁଆଲ କରାଡାଙ୍କୁ ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ପରେ ବନ୍ଦେ ମାତରମ୍ ଓ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା ।

ସଭାପତି ଭାଷଣରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା କହିଲେ ମହାତ୍ମା ଗାନ୍ଧୀ ଙ୍କ ଆତ୍ମ ଜୀବନୀ ପଢ଼ି ଛାତ୍ର ଛାତ୍ରୀ ମାନେ ଉଦବୁଦ୍ଧ ହୋଇ ସତ୍ୟ, ଅହିଂସା, ସ୍ୱଚ୍ଛତା ମାର୍ଗରେ ଚାଲି ସବୁ କ୍ଷେତ୍ରରେ ପାଠ ପଢ଼ି ସୁନାମ ଆଣିଲେ ତାହାହିଁ ହେବ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ପାଳନର ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ଏବଂ ଆମର ବିକଶିତ ଓଡ଼ିଶା ଓ ବିକଶିତ ଭାରତ ସମୃଦ୍ଧ ରାଜ୍ୟ ଓ ରାଷ୍ଟ୍ର ନିର୍ମାଣ ସାକାର ହେବ ବୋଲି ନିଜ ଅଭିଭାଷଣରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ, ଉପ ସଭାପତି ଶ୍ରୀଯୁକ୍ତ ଗୋପୀନାଥ ମହାରଣା ଯୋଗ ଦେଇ କହିଲେ ଭାରତ ଛାଡ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ, ଅସହଯୋଗ ଆନ୍ଦୋଳନ ରେ ଗାନ୍ଧିଜୀ ଦେଶପାଇଁ ସମ୍ମାନ ପ୍ରଦର୍ଶନ କରିଥିଲେ । ମୁଖ୍ୟ ବକ୍ତା ଭାବେ ପ୍ରାଣ ନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ପ୍ରାଧ୍ୟାପକ ଡ଼ଃ ସୁବୋଧ କୁମାର ଜଗଦେବ ଯୋଗଦେଇ ନିଜ ବକ୍ତବ୍ୟରେ ଗାନ୍ଧିଜୀ ଜଣେ ଯୁଗ ପୁରୁଷ ଥିଲେ । ସମ୍ମାନିତ ଅତିଥି ଭାବେ ସଦର ତହସିଲଦାର ଶ୍ରୀଯୁକ୍ତ ବିଭାଷ ପାଣିଗ୍ରାହୀ ଯୋଗଦେଇ ଗାନ୍ଧୀ, ଗୋପବନ୍ଧୁ, ସୁଭାଷ ବୋଷ, ଲାଲ୍ ବାହାଦୁର ଶାସ୍ତ୍ରୀ, ରବୀନ୍ଦ୍ର ନାଥ ଟାଗୋର ଆଦି ଜୀବନୀ ପଢ଼ି ଭଲ ମଣିଷ ହେବାକୁ ଛାତ୍ର ଛାତ୍ରୀ ମାନଙ୍କୁ ପ୍ରେରଣା ଦେଇଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ମଞ୍ଚ ପରିଚାଳନା କରିଥିବା ବେଳେ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଏବଂ ଧନ୍ୟ ବାଦ ଅର୍ପଣ କରିଥିଲେ ।

ସମାରୋହରେ ଅନ୍ୟ ମାନଙ୍କ ମଧ୍ୟରେ ଡି ଇ ଜି ଏମ ମାନସ କୁମାର ବ୍ରହ୍ମା,ସି ଆରସିସି, ରେବତୀ ପଣ୍ଡା, ବ୍ଲକ୍ ଶିକ୍ଷା ଅଧିକାରୀ, ଖୋରଧା,ବୁଦ୍ଧିଜୀବୀ ନିକୁଞ୍ଜ କିଶୋର ପଟ୍ଟନାୟକ, ଭୀମ ସେନ ପ୍ରଧାନ, ସତ୍ୟବାଦୀ ବଳିୟାର ସିଂହ, ଇତିଶ୍ରୀ ସାହୁ, ସୌଦାମିନୀ ପଟ୍ଟନାୟକ, ନରେନ୍ଦ୍ର ପୃଷ୍ଟି,, ବିଭିନ୍ନ ବିଦ୍ୟାଳୟ ଏବଂମାବିଦ୍ୟାଳୟର ଛାତ୍ର ଛାତ୍ରୀ, ମାନ୍ୟ ଗଣ୍ୟ ବ୍ୟକ୍ତି ବିଶେଷ ଓ ଗଣ ମାଧ୍ୟମ ପ୍ରତିନିଧି ବୃନ୍ଦ ଯୋଗଦେଇଥିଲେ।

# ଗାନ୍ଧୀ ଜୟନ୍ତୀରେ ଯୁବ ସେବା ବାହିନୀ ପକ୍ଷରୁ କୁନି ପ୍ରତିଭାଙ୍କୁ ସମ୍ମାନୀତ

**ବନ୍ତ,୨।୧୦(ନି.ସୂ) :** ବନ୍ତ ବ୍ଲକରେ ନୂତନଭାବେ ଗଢ଼ି ଉଠିଥିବା ସାମାଜିକ ସଂଗଠନ 'ଯୁବ ସେବା ବାହିନୀ' ପକ୍ଷରୁ ଗାନ୍ଧୀ ଜୟନ୍ତୀ ଅବସରରେ ସଂଗଠନ ସଭାପତି ସରୋଜ କୁମାର ଜେନା ଓ ଉପ ସଭାପତି ରଞ୍ଜିତ କୁମାର ଜେନାଙ୍କ ତତ୍ୱାବଧାନରେ ଛୟାଳସିଂହ ପଞ୍ଚାୟତ,ପଳସା ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ କୁନି ପ୍ରତିଭାଙ୍କୁ ନେଇ ଏକ ପ୍ରତିଯୋଗିତା ଓ ସମ୍ମାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ



ଜାତିର ପିତା ମହାତ୍ମା ଗାନ୍ଧୀ ଓ ଭାରତର ଦ୍ୱିତୀୟ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀ ଙ୍କ ଫଟୋ ଚିତ୍ରରେ ପୁଷ୍ପ,ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା !

କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ମହାତ୍ମା ଗାନ୍ଧୀଙ୍କ ଜୀବନୀ ଉପରେ ପ୍ରଶ୍ନୋତ୍ତର ପ୍ରତିଯୋଗିତାରେ ଭାଗ ନେଇଥିଲେ। କେତେକ ଛାତ୍ରଛାତ୍ରୀ ବକ୍ତୃତା ମଧ୍ୟ ପ୍ରଦାନ କରିଥିଲେ। ପ୍ରତିଯୋଗିତାରୁ ମୋଟ ୬ ଜଣ ଛାତ୍ରଛାତ୍ରୀ ସଫଳ ହୋଇଥିବା ବେଳେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ୨ ଜଣ ଲେଖାଏଁ ସ୍ଥାନ ଅଧିକାର କରିଥିଲେ।ଉପସ୍ଥିତ ଅତିଥିମାନେ ସଫଳ ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ୍, ଟଫି ଓ ପାଠ୍ୟପୁସ୍ତକ ପ୍ରଦାନ କରି ସମ୍ମାନିତ କରିଥିଲେ।ସରସ୍ୱତୀ ଶିଶୁ ମନ୍ଦିରର ପ୍ରଧାନ ଗୁରୁଜୀ ରବୀନ୍ଦ୍ର କୁମାର ଜେନା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ସମାଜସେବୀ ସନ୍ତୋଷ କୁମାର ନାୟକ, ମୁଖ୍ୟ ବକ୍ତା ଭାବେ ଖଗେଶ୍ୱର ବେହେରା, ସଂଗଠନର ଉପଦେଷ୍ଟା ସନ୍ଦୀପ କୁମାର ଜେନା ଏବଂ ଅତିଥି ଭାବେ ଶିଶୁ ମନ୍ଦିର ସମ୍ପାଦକ ରବୀନ୍ଦ୍ର କୁମାର ପୃଷ୍ଟି ଯୋଗଦେଇଥିଲେ।ରମେଶ ଚନ୍ଦ୍ର ପାଢ଼ୀ ମଞ୍ଚ ସଂଚାଳନ କରିଥିବା ବେଳେ ସଂଗଠନର ବରିଷ୍ଠ ସଦସ୍ୟ ଖଗେଶ୍ୱର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସଦସ୍ୟ ସୁଜିତ କୁମାର ମାଝୀ, ସୌମ୍ୟ ରଞ୍ଜନ ଜେନା, ପ୍ରଶାନ୍ତ ବାରିକ, ମାର୍କଣ୍ଡ ଧଡ଼ା, ପଦ୍ମଲୋଚନ ବେହେରା, ଗୁରୁମା ସୁଜାତା ପଣ୍ଡା, ପୁଷ୍ପିତା ନାୟକ, ଗୀତାରାଣୀ ନାୟକ, ଜ୍ୟୋସ୍ନାରାଣୀ ସାହୁ ଓ ସେବିକା ତୁଳସୀ ଜେନା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

